## ସଂକ୍ଷେପରେ

### ଦିଗପହଣ୍ଡିରୁ ତାମିଲ ଝିଅ ଉଦ୍ଧାର

ଦିଗପହଣ୍ଡି, ୨୬।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ବିଜୟ ଲକ୍ଷ୍ମୀ ନାରାୟଣପୁର ଗ୍ରାମରୁ ରବିବାର ଜଣେ ନାବାଳିକା ତାମିଲ ଝିଅକୁ ଚେନ୍ନାଇ ପୋଲିସ ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ପୋଲିସ ସହାୟତାରେ ଉଦ୍ଧାର କରିଛି। ତାମିଲନାଡୁର ଇରୋଡ ଜିଲା ଚେନିମଲାଇ ଥାନା ଅଧୀନ ଏକ ଗ୍ରାମରୁ ବିଭିନ୍ନ ପ୍ରଲୋଭନ ଦେଖାଇ ଲକ୍ଷ୍ମୀ ନାରାୟଣପୁର ଗ୍ରାମର ଶିବରାମ ନାୟକ ନାମକ ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରିନେଇଥିଲେ। ନାବାଳିକାଙ୍କ ବାପା ସେଠାକାର ଥାନାରେ ଅଭିଯୋଗ କରିବା ପରେ ଯୁବକଙ୍କ ମୋବାଇଲ ନମ୍ବରକୁ ଟ୍ରାକିଂ କରି ଚେନ୍ନାଇ ପୋଲିସ ପ୍ରଥମେ ଦିଗପହଣ୍ଡିରେ ପହଞ୍ଚିଥିଲେ। ପରେ ସେମାନେ ଲୋକେସନ ଟ୍ରାକିଂ କରି ଅଭିଯୁକ୍ତଙ୍କୁ ସାନଖେମୁଣ୍ଡି ବ୍ଲକ ଆଡପଡା ଗ୍ରାମର ଏକ ମନ୍ଦିରରୁ ଧରିଥିଲେ। ତେବେ ଅପହୃତା ନାବାଳିକା ଜଣକ ଯୁବକଙ୍କ ଲକ୍ଷ୍ମୀ ନାରାୟଣପୁର ଗ୍ରାମ ସ୍ଥିତ ଘରେ ଥିବାରୁ କେ. ନୂଆଗାଁ ପୋଲିସ ସହାୟତାରେ ଚେନ୍ନାଇ ପୋଲିସ ଚଢ଼ାଉ କରି ଉଭୟଙ୍କୁ ଉଦ୍ଧାର କରିଥିଲେ।

### ଦୁର୍ଘଟଣାରେ ସିପିଆଇ ନେତା ଆହତ

ଦିଗପହଣ୍ଡି, ୨୬।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ସିଦ୍ଧେଶ୍ୱର ପଞ୍ଚାୟତର ସିପିଆଇ ନେତା ମୂଷା ବେହେରା (୫୨)ରବିବାର ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇଛନ୍ତି। ସେ ନିଜ ବାଇକ୍‌ରେ ଔଷଧ ଆଣିବା ପାଇଁ ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ଦୟାନିଧିପୁର ଗ୍ରାମକୁ ଯାଉଥିବା ସମୟରେ ପଛପଟୁ ଏକ ଡାଲା ଅଟୋ ଧକ୍କା ଦେଇ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ମୂଷା ରାସ୍ତା କଡରେ ପଡି ରହିଥିବା ବେଳେ ସ୍ଥାନୀୟ ଲୋକେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ପଠାଯାଇଥିଲା। ଦୁର୍ଘଟଣା ଘଟାଇଥିବା ଅଟୋ କିମ୍ବା ଚାଳକଙ୍କ ପରିଚୟ ମିଳିପାରିନାହିଁ।

### ତାଳ ଗଛରୁ ପଡ଼ି ବୃଦ୍ଧ ମୃତ

ଧରାକୋଟ, ୨୬।୫(ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଧରାକୋଟ ନିକଟସ୍ଥ ବାହାରପୁର ପଞ୍ଚାୟତ ଅଧୀନ ଜଗନ୍ନାଥପୁର ଶାସନ ଗ୍ରାମର ପାଣ ପ୍ରଧାନଙ୍କ ତାଳ ଗଛରୁ ପଡ଼ି ମୃତ୍ୟୁ। ପାଣ ଗ୍ରାମ ନିକଟସ୍ଥ ମୟୂର ବସା ବଗଡ ନିକଟରେ ଥିବା ଏକ ତାଳ ଗଛରୁ ପଡ଼ିଯିବାରୁ ଗୁରୁତର ହୋଇଥିଲେ। ତାଙ୍କୁ ଆସିକା ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ପାଣଙ୍କୁ ମୃତ ଘୋଷଣା କରିଥିଲେ।

### ପୋଲିସର ଫ୍ଲାଗ୍ ମାର୍ଚ୍ଚ

ବେଲଗୁଣ୍ଠା/ଆସିକା, ୨୬।୫
(କୃଷ୍ଣ ଚନ୍ଦ୍ର ପଟ୍ଟନାୟକ/ସୁରେନ୍ଦ୍ର ନାଥ ସାହୁ)

ନିର୍ବାଚନ ପରବର୍ତ୍ତୀ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ବେଲଗୁଣ୍ଠା ପୋଲିସ ପକ୍ଷରୁ ବେଲଗୁଣ୍ଠା ସହର ସମେତ ବିଭିନ୍ନ ଗ୍ରାମରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ରବିବାର ବେଲଗୁଣ୍ଠା ଥାନାଧିକାରୀ ବନ ବିହାରୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ବେଲଗୁଣ୍ଠା ପୋଲିସ ଥାନାରୁ ବାହାରି ହାଟପଦା, ପେଣ୍ଠ ସାହି, ବାଙ୍କ ବଜାର, ମେନ୍ ରୋଡ୍, ଗୋପୀନାଥ ସାହି ସମେତ ଆମ୍ବପୁଆ, ଟିକରପଡ଼ା, ନାୟକ ପଡ଼ା, ଚଢିଆପଲ୍ଲୀ, ମଙ୍ଗଳପୁର ଆଦି ଗ୍ରାମରେ ଫ୍ଲାଗ୍ ମାର୍ଚ୍ଚ କରିଥିଲେ। କାର୍ଯ୍ୟକ୍ରମରେ ବେଲଗୁଣ୍ଠା ଥାନା ଏସ୍ଆଇ ଅଭୟ ପ୍ରଧାନ, ନାରାୟଣ ନାୟକଙ୍କ ସମେତ ପୋଲିସ କର୍ମଚାରୀ ଏବଂ ଯବାନମାନେ ଅଂଶଗ୍ରହଣ କରିଥିଲେ। ସେହିପରି ଗଞ୍ଜାମ ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ଚା ଦୋକାନ, ଫାଷ୍ଟଫୁଡ୍ ଦୋକାନ ଏବଂ ଢାବା ଗୁଡ଼ିକୁ ରାତି ଆଠଟା ସୁଦ୍ଧା ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଆସିକା ପୋଲିସ ପକ୍ଷରୁ ରବିବାର ସହର ଉପକଣ୍ଠ କାଳଷଣ୍ଡପୁର ଓ ଆସିକା ଏନ୍ଏସିର ସହରାଞ୍ଚଳରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନା ଅଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକଙ୍କ ନେତୃତ୍ୱରେ ସଶସ୍ତ୍ର ବିଏସଏଫ ଯବାନ ଆସିକା ବସଷ୍ଟାଣ୍ଡରୁ ବାହାରି, କଳିଙ୍ଗା ରୋଡ, ଲକ୍ଷ୍ମୀ ବଜାର, ବିନାୟକ ବଜାର, ଖମ୍ବେଶ୍ୱରୀ ପାଟଣା, ବଜାର ସାହି, ହାଟପଦା, ତାଲୁକା ରୋଡ, ଲଛମନପଲ୍ଲୀ ଆଦି ଅଞ୍ଚଳରେ ପରିକ୍ରମା କରିଥିଲେ। ନିର୍ବାଚନ ପରବର୍ତ୍ତି ହିଂସା ଏଡାଇବା ଲକ୍ଷ୍ୟରେ ଜନସାଧାରଣଙ୍କୁ ସତର୍କ କରାଇବା ଲାଗି ଏହି ଫ୍ଲାଗ ମାର୍ଚ୍ଚ କରାଯାଇଥିବା ଥାନା ଅଧିକାରୀ ପଟ୍ଟନାୟକ କହିଛନ୍ତି।

# ପୁଅର ଚିକିତ୍ସା ପାଇଁ ଆଣିଥିବା ଅର୍ଥ ମୋ ବସ୍‌ରୁ ଚୋରି

ଭୁବନେଶ୍ୱର, ୨୬।୫ (ସୂର୍ଯ୍ୟକାନ୍ତ ବେହେରା)

■ ଅଭିଯୋଗ ଶୁଣିଲେନି କର୍ମଚାରୀ, ଥାନାରେ ଏତଲା
■ ହିଞ୍ଜିଳିକାଟୁରୁ ଭୁବନେଶ୍ୱର ଆସିଥିଲେ

ପୁଅର ଚିକିତ୍ସା ପାଇଁ ବହୁ କଷ୍ଟରେ ଟଙ୍କା ସଂଗ୍ରହ କରି ଆଣିଥିଲେ ବାପା। ଗଞ୍ଜାମରୁ ଆସି ଭୁବନେଶ୍ୱରରେ ପହଞ୍ଚିଥିଲେ। ହେଲେ ମୋ ବସ୍‌ରେ ହସ୍ପିଟାଲକୁ ଯାଉଥିବାବେଳେ ସବୁ ଟଙ୍କା ଚୋରି ହୋଇଗଲା। ଏମିତି ଘଟଣା ଘଟିଛି ରାଜଧାନୀ ଭୁବନେଶ୍ୱରରେ। ଚୋରିର ଶିକାର ହୋଇଥିବା ଗଞ୍ଜାମ ହିଞ୍ଜିଳିକାଟୁର ବୃନ୍ଦାବନ ସାହୁ ଏନେଇ ଖଣ୍ଡଗିରି ଥାନାରେ ଏତଲା ଦେଇଛନ୍ତି। ସେ ନୟାପଲ୍ଲୀରୁ ୧୯ ନମ୍ବର ମୋ ବସ୍‌ରେ ଏମ୍ସକୁ ଯାଉଥିବାବେଳେ ବସ୍ ଭିତରେ ଲୁଟେରଦଳ ତାଙ୍କୁ ଘେରି ଯାଇ କୌଶଳକ୍ରମେ ୫୭ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିବା ସେ ଏତଲାରେ ଦର୍ଶାଇଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ବୃନ୍ଦାବନଙ୍କ କହିବାନୁସାରେ, ପୁଅ ଏମ୍ସର ନ୍ୟୁରୋଲଜି ବିଭାଗରେ ଚିକିତ୍ସା ହେଉଛନ୍ତି। ପୁଅର ଚିକିତ୍ସା ପାଇଁ ଘରୁ ଟଙ୍କା ନେଇ ଆସି ସଂପର୍କୀୟ ଘରେ ରହିଥିଲେ। ରବିବାର ସକାଳ ସାଢେ ୯ଟାରେ ସେ ନୟାପଲ୍ଲୀ ଡିଏଭି ସ୍କୁଲ ନିକଟ ବସ୍‌ଷ୍ଟାଣ୍ଡରୁ ମୋ ବସ୍‌ରେ ଚଢିଥିଲେ। ଏମ ଗେଟ ଆଗରେ ଓହ୍ଲାଇବା ପରେ ତାଙ୍କ ପକେଟରେ ଟଙ୍କା ନ ଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ବସ୍ ଡ୍ରାଇଭର ଓ ହେଲପରଙ୍କୁ ଜଣାଇବା ସହ ସିସିଟିଭି ଦେଖିବାକୁ ଯେତେ ଅନୁରୋଧ କରିଥିଲେ ମଧ୍ୟ ସେମାନେ ଶୁଣି ନ ଥିଲେ। ନିରାଶ ହେବା ପରେ ବୃନ୍ଦାବନ ଖଣ୍ଡଗିରି ଥାନାରେ ପହଞ୍ଚି ପୋଲିସକୁ ଘଟଣା ସମ୍ପର୍କରେ ଜଣାଇବା ସହ ଲିଖିତ ଅଭିଯୋଗ କରିଥିଲେ। ତେବେ ଟଙ୍କା ଚୋରି ହୋଇଯାଇଥିବାରୁ ପୁଅର ଚିକିତ୍ସାକୁ ନେଇ ବାପା ବୃନ୍ଦାବନ ଚିନ୍ତାରେ ପଡିଛନ୍ତି। ସୂଚନାଯୋଗ୍ୟ, ମାସକ ମଧ୍ୟରେ ମୋ ବସ୍ ଓ ଷ୍ଟାଣ୍ଡରୁ ଗହଳିର ସୁଯୋଗନେଇ ଚୋରି ବଢୁଛି। ନିକଟରେ କମିଶନରେଟ ପୋଲିସ ପଶ୍ଚିମବଙ୍ଗର ମହିଳା ଗ୍ୟାଙ୍ଗ ଓ ଅନ୍ୟ ଏକ ପୁରୁଷ ଗ୍ୟାଙ୍ଗକୁ ଧରିଥିଲା। ଏହାପରେ ବି ମୋ ବସ୍‌ରୁ ଚୋରି ଜାରି ରହିଥିବାରୁ ଏଥିରେ ଆହୁରି ଏକାଧିକ ଗ୍ୟାଙ୍ଗ୍ ସମ୍ପୃକ୍ତ ଥିବାରୁ ପୋଲିସ ଏହାକୁ ଗୁରୁତ୍ୱର ସହ ନେଇ ଚୋରି ରୋକିବାକୁ ଯାତ୍ରୀମାନେ ଦାବି କରୁଛନ୍ତି।

# ଦିଲୀପଙ୍କ ପରିବାରକୁ ୧୦ଲକ୍ଷ ସହାୟତା



ଶ୍ରଦ୍ଧାଞ୍ଜଳି ସଭାରେ ଦିଲୀପଙ୍କ ବାପାଙ୍କୁ ଭାଜପା ନେତାମାନେ ଚେକ୍ ପ୍ରଦାନ କରୁଛନ୍ତି।

ଖଲ୍ଲିକୋଟ, ୨୬।୫(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ଶ୍ରୀକୃଷ୍ଣଶରଣପୁର ଗ୍ରାମରେ ନିର୍ବାଚନୀ ହିଂସାକାଣ୍ଡରେ ଭାଜପା କର୍ମୀ ଦିଲ୍ଲୀପ ପାହାନଙ୍କୁ ହତ୍ୟା କରାଯାଇଥିଲା। ଦିଲ୍ଲୀପ ଦ୍ୱାଦଶାହରେ ରବିବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଏକ ସ୍ମୃତିଚାରଣ ସଭା କରାଯାଇଥିଲା। ବହୁ ବରିଷ୍ଠ ନେତା ଯୋଗଦେଇ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଦିଲୀପଙ୍କ ବଳିଦାନ ଦଳ ପାଇଁ ସ୍ମରଣୀୟ ହୋଇରହିବ ବୋଲି ପ୍ରକାଶ କରିଥିଲେ। ଭାଜପା ପକ୍ଷରୁ ତାଙ୍କ ପରିବାରକୁ ୧୦ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଭାଜପା ରାଜ୍ୟ ସମ୍ପାଦକ କସ୍ତୁରୀ ମିଶ୍ର, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଭାଜପା ଆସିକା ଏମପି ପ୍ରାର୍ଥୀ ଅନିତା ଶୁଭଦର୍ଶିନୀ, ଖଲ୍ଲିକୋଟ ଭାଜପା ବିଧାୟକ ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ସେଠୀ, ବରିଷ୍ଠ ଭାଜପା ନେତା ଅନୀଲ ପଣ୍ଡା, ଯଜ୍ଞନାରାୟଣ ଦାଶ, ଶଙ୍କର ନାହାକଙ୍କ ସମେତ ଶତାଧିକ ଭାଜପା ନେତା କର୍ମୀ ଏବଂ ଗ୍ରାମବାସୀ, ସାଙ୍ଗସାଥି ଯୋଗଦେଇଥିଲେ।

# ସ୍ୱପ୍ନେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥି ବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କରୁଛନ୍ତି।

ଦିଗପହଣ୍ଡି, ୨୬।୫(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡି ବ୍ଲକ କରପଡା ଗ୍ରାମ ଖେଳପଡିଆଠାରେ ୭ ଦିନ ଧରି ଚାଲିଥିବା ଶ୍ରୀସ୍ୱପ୍ନେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବଡଜୁମୁଲା ଗ୍ରାମ କ୍ରିକେଟ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୯ ୱିକେଟ ହରାଇ ୧୧୩ ରନ କରିଥିବା ବେଳେ କୃଷ୍ଣପୁର ଗ୍ରାମ କ୍ରିକେଟ ଟିମ ୧୩ ଓଭରରେ ୯ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଟୁର୍ନାମେଣ୍ଟ ଆୟୋଜକ କମିଟି ସଦସ୍ୟ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ସ୍ଥାନୀୟ ସରପଞ୍ଚ ଫନୀନ୍ଦ୍ର ଚନ୍ଦ୍ର ଗୋସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜେତା କୃଷ୍ଣପୁର କ୍ରିକେଟ ଟିମ୍‌କୁ ୭ ହଜାର ଏବଂ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ଯୋଗେନ୍ଦ୍ର ପ୍ରଧାନ ପରାଜିତ ବଡ଼ ଜୁମୁଲା କ୍ରିକେଟ ଟିମ୍‌କୁ ୫ ହଜାର ଟଙ୍କାର ଅର୍ଥରାଶି ସହ ଟ୍ରଫି ପ୍ରଦାନ କରିଥିଲେ। ଗୁପ୍ତ ପ୍ରଧାନ ଓ ନିରଞ୍ଜନ ବେହେରା ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଜୟ ଗୌଡ, ପବିତ୍ର ପ୍ରଧାନ, ରୁଦ୍ର ପ୍ରଧାନ, ଶୁଭମ ପ୍ରଧାନ, ରାଜେଶ ସେଠୀ, ରବିନ୍ଦ୍ର ସେଠୀ, ସମୀର ପ୍ରଧାନ, ତପୁ ପ୍ରଧାନ, ଚନ୍ଦନ ପ୍ରଧାନ, ସିଦ୍ଧାନ୍ତ ପ୍ରଧାନ ସହଯୋଗ କରିଥିଲେ।

# ଗଜପତିରେ ପାସ୍ ହାର ୯୭.୦୮ ପ୍ରତିଶତ

ପାରଳାଖେମୁଣ୍ଡି, ୨୬।୫ (ଗିରିଧାରୀ ପରିଛା)

ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଗଜପତି ଜିଲାରେ ୯୭.୦୮ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ପାରଳାଖେମୁଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ର ସୁଶୋଭନ ପାତ୍ର ଜିଲା ଟପ୍ପର ହୋଇଛନ୍ତି। ସେ ମୋଟ ୫୫୨ ମାର୍କ ରଖି ଶତକଡା ୯୨ ପ୍ରତିଶତ ହାସଲ କରି ଟପ୍ପର ପରିଗଣିତ ହୋଇଛନ୍ତି।

# ସିମରନ୍ ଚକାପାଦ ବ୍ଲକ୍ ଟପ୍ପର



ଚକାପାଦ ୨୬।୫( ପ୍ରତାପ କିଶୋର ବେହେରା)

ଚକାପାଦ ବ୍ଲକ ଅନ୍ତର୍ଗତ ଲାଇନ ପଡା ବିବି ହାଇସ ସ୍କୁଲରେ ଚଳିତ ବର୍ଷ ୧୦ ମ ଶ୍ରେଣୀ ଛାତ୍ରୀ ସୀମାରନ ଦିଗାଲ ମାଟ୍ରିକ ପରୀକ୍ଷାରେ ଏ-୨ ର୍ୟାଙ୍କ ରଖି ବ୍ଲକ ଟପ୍ପର ହୋଇଛନ୍ତି । ତାଙ୍କ ପରିବାରର ଆର୍ଥିକ ସମ୍ବଳ ଭଲ ନ ଥିଲେ ସୁଧା ସିମାରନ ମାମୁ ଘରେ ରହି ଅକ୍ଲାନ୍ତ ପରିଶ୍ରମ କରି ଏହି ସଫଳତା ପାଇଛନ୍ତି। ମାଟ୍ରିକରେ ମୋଟ ୬୦୦ ମାର୍କର ପରୀକ୍ଷା ଦେଇ ୪୮୦ ମାର୍କ ରଖିଛନ୍ତି। ସେ ଆଗାମୀ ଦିନରେ ଭଲ ପାଠ ପଢି ପ୍ରଶାସନିକ ଅଧିକାରୀ ହୋଇ ଜନସାଧାରଣଙ୍କୁ ସେବା କରିବାର ଲକ୍ଷ୍ୟ ରଖିଥିବା କହିଛନ୍ତି ।

# ଆୟୁଷ, ଓମ୍ ପ୍ରସାଦଙ୍କୁ ଏ-୧ ଗ୍ରେଡ୍

ଜି ଉଦୟଗିରି /ବାଲିଗୁଡ଼ା, ୨୬।୫(ଶିଶିର ପଟ୍ଟନାୟକ/ସଞ୍ଜୟ କୁମାର ପାଣିଗ୍ରାହୀ)

ଜି.ଉଦୟଗିରି ହବାକ ହାଇସ୍କୁଲର ଛାତ୍ର ଆୟୁଷ ରଥ ୫୪୯ ମାର୍କ ରଖି ୯୧.୫୦% ସହ ଏ-୧ ପାଇଛନ୍ତି। ଆୟୁଷ ସ୍ୱର୍ଗତ କୈଳାସ ଚନ୍ଦ୍ର ରଥ ଓ ଜି.ଉଦୟଗିରି ମହିଳା ମହାବିଦ୍ୟାଳୟରେ ଲାଇବ୍ରେରୀ ଆସିଷ୍ଟାଣ୍ଟ ରଞ୍ଜିତା ପତିଙ୍କ କନିଷ୍ଠ ସନ୍ତାନ। ଅନ୍ୟ ଜଣେ ହବାକ ହାଇସ୍କୁଲ ଛାତ୍ର ଓମ ପ୍ରକାଶ ପଣ୍ଡା ୫୪୦ ମାର୍କ, ୯୦% ରଖି ଏ-୧ ପାଇଛନ୍ତି। ସେ ଜି ଉଦୟଗିରିର ବାଳକୃଷ୍ଣ ପଣ୍ଡା ଓ ଜୋଛନାମୟୀଙ୍କ ପୁତ୍ର। ଜି ଉଦୟଗିରି ହବାକ ହାଇସ୍କୁଲରେ ସମୁଦାୟ ୧୧୪ ଜଣ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ୧୧୧ ଜଣ ଶତକଡା ୯୭.୭୦% ରଖି କୃତକାର୍ଯ୍ୟ ହୋଇଛନ୍ତି ବୋଲି ପ୍ରଧାନ ଶିକ୍ଷକ ବିଜୟ କୁମାର ମିଶ୍ର କହିଛନ୍ତି। ସେହିପରି ବାଲିଗୁଡ଼ା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଦଶମ ଶ୍ରେଣୀରେ ଅଧ୍ୟୟନରତ ସମସ୍ତ ୧୬ ଜଣ ଛାତ୍ରୀଛାତ୍ରଙ୍କ ଫଳାଫଳ ଶତ ପ୍ରତିଶତ ସଫଳତା ହାସଲ କରିଛନ୍ତି। ସେଥିରୁ ଏ-୧ ରେ ସ୍ୱର୍ଗତ ଦିଲୀପ କୁମାର ସାହୁ ଓ ଶିକ୍ଷୟିତ୍ରୀ ବବିତା ସାହୁଙ୍କ ପୁତ୍ର ଓମ ପ୍ରସାଦ ସାହୁ ୫୫୨ ନମ୍ବର ରଖି ୯୨% ହାସଲ କରିଥିବା ବେଳେ ଶିକ୍ଷକ ରବିନ୍ଦ୍ର କୁମାର ମଲ୍ଲିକ ଓ ଗୋଲାପ ମଲ୍ଲିକଙ୍କ ଝିଅ ଅଭିସପ୍ସା ମଲ୍ଲିକ ୫୪୦ ନମ୍ବର ରଖି ୯୦% ସହ ସଫଳତା ହାସଲ କରିଥିବା ଜଣାପଡ଼ିଛି।

# ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

ପୁରୁଷୋତ୍ତମପୁର, ୨୬।୫ (ସୀମାଞ୍ଚଳ ମିଶ୍ର)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ତଥା କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ବଡଖରିଡା କାଳେଶ୍ୱର ମନ୍ଦିର ନିକଟରେ ରବିବାର ରାତିରେ ଜଣେ ଯୁବକଙ୍କୁ ସଂଘବଦ୍ଧ ଭାବେ ଖଣ୍ଡାରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ବଡଖରିଡା ବାଣନଇ ଗ୍ରାମର ବଣ୍ଟି ବାରିକ (୨୬)। କାଳେଶ୍ୱର ପୀଠରେ ଯଜ୍ଞ ଚାଲିଥିବାରୁ ସେଠାକୁ ବଣ୍ଟି ଦେଖିବା ଲାଗି ଯାଇଥିବା ବେଳେ ପୂର୍ବ ଶତ୍ରୁତାକୁ ନେଇ ତାଙ୍କୁ ସଂଘବଦ୍ଧ ଭାବେ କିଛି ଯୁବକ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ପୁରୁଷୋତ୍ତମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡମେଡିକାଲକୁ ପଠାଇ ଦିଆଯାଇଛି। ଖବର ପାଇ ପୁରୁଷୋତ୍ତମପୁର ଏସ୍‌ଡିପିଓ ରଜନୀକାନ୍ତ ଘଟଣାର ତଦନ୍ତ କରିଛି। ବଣ୍ଟି ନାମରେ ପୂର୍ବରୁ କବିସୂର୍ଯ୍ୟନଗର ଥାନାରେ ବହୁ ମାମଲା ରହିଛି, ଯାହାଦ୍ୱାରା ସେ ଗ୍ରାମଛାଡି ଫେରାର ଥିବା ବେଳେ ରବିବାର ଆସିଥିଲା ବୋଲି ଏସ୍‌ଡିପିଓ କହିଛନ୍ତି।

# ଚୋରି ଅଭିଯୋଗରେ ୪ ଜେଲ ଗଲେ

ଦିଗପହଣ୍ଡି/ପାଟପୁର, ୨୬।୫
(ଅଶେଷ ନାଥ ମିଶ୍ର/ସୀମାଞ୍ଚଳ ସାହୁ)



ଗିରଫ ୪ ଅଭିଯୁକ୍ତ ।

ଗଞ୍ଜାମ ଜିଲା ପାଟପୁର ଥାନା ଅଧୀନ ରାମଚନ୍ଦ୍ରପୁର ଗ୍ରାମରେ ଦେଶୀ କୁକୁଡ଼ା ଏବଂ ପାଣି ପମ୍ପ ଚୋରି ଅଭିଯୋଗରେ ପୋଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ରାମଚନ୍ଦ୍ରପୁର ଗ୍ରାମର ବିକି ବିଷୋୟୀ, ସନାତନ ବିଷୋୟୀ, ଦିବାକର ବିଷୋୟୀ ଓ ଶ୍ରୀରାମ ବିଷୋୟୀ। ଗ୍ରାମର ସଞ୍ଜୟ ଜେନା ନାମକ ଯୁବକ ଗ୍ରାମ ନିକଟରେ ଏକ ଦେଶୀ କୁକୁଡ଼ା ଫାର୍ମ କରିଥିଲେ। ଗତ ୧୫ ତାରିଖ ରାତିରେ ଅଭିଯୁକ୍ତମାନେ କୁକୁଡା ଫାର୍ମ ତାଲା ଭାଙ୍ଗି ୩୦ଟି ଦେଶୀ କୁକୁଡ଼ା ସମେତ ଦୁଇଟି ପାଣି ପମ୍ପକୁ ଚୋରି କରି ନେଇଥିଲେ। ଘଟଣାପରେ ସଞ୍ଜୟ ପାଟପୁର ଥାନାରେ ଏତଲା ଦେଇଥିଲେ। ପୋଲିସ ଏନେଇ ନଂ. ୩୧୧/୨୪ରେ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଦିଗପହଣ୍ଡି ସବ ଜେଲକୁ ପଠାଇ ଦିଆଯାଇଥିବା ଆଇଆଇସି ଅଜୟ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

# ଯୁକ୍ତ ୨ କଳାରେ ସନ୍ତୋଷିନୀ ବ୍ଲକ ଟପ୍ପର

ପୋଲସରା, ୨୬।୫(ସୁବ୍ରତ ବେହେରା)



ଯୁକ୍ତ ୨ କଳା ପରୀକ୍ଷାରେ ପୋଲସରା ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସନ୍ତୋସିନି ପ୍ରଧାନ ୫୪୨ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ସେହିପରି ପୋଲସରା ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀ ସୁଶ୍ରୀ କଲ୍ୟାଣୀ ପାଢ଼ୀ ୫୨୧ ନମ୍ବର ରଖି ବ୍ଲକରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ଯୁକ୍ତ ଦୁଇ ବିଜ୍ଞାନ ପରୀକ୍ଷାରେ ଆଞ୍ଚଳିକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ଜୟଶ୍ରୀ ମିଶ୍ର ୪୭୫ନମ୍ବର ରଖି ଟପ୍ପର ହୋଇଛନ୍ତି। ଏହି ତିନି ଛାତ୍ରୀମାନେ ସେମାନଙ୍କର ସଫଳତା ପାଇଁ ବାପା, ମା' ଓ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

# ହନୁମାନ ବିଗ୍ରହ ପ୍ରତିଷ୍ଠାର ବାର୍ଷିକୋତ୍ସବ

ଗଞ୍ଜାମ, ୨୬।୫(ବିଦ୍ୟାଧର ସାହୁ)

ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମରେ ମହାବୀର ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକୋତ୍ସବ ପାଳନ କରାଯାଉଛି। ଏହି ଅବସରରେ ରବିବାର ଅଷ୍ଟପ୍ରହର ନାମଯଜ୍ଞ ହେଉଛି। ଶୁକ୍ରବାର ଅଙ୍କୁରାରୋପଣ, ଶନିବାର କଳସ ଯାତ୍ରା ହୋଇଥିଲା। ଏଥିସହ ଘୃତ ଯଜ୍ଞ, ଅନ୍ନଯଜ୍ଞ ହେଉଛି। ପଣ୍ଡିତଙ୍କ ଦେବ ମନ୍ତ୍ର ଧ୍ୱନିରେ ସ୍ଥାନୀୟ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି।



ମହାବୀର ହନୁମାନଙ୍କ ବିଗ୍ରହ।

# ଭେଜିପୁଟ ବ୍ରାହ୍ମଣଦେବୀ ଯାତ୍ରାରେ ଭିଡ଼ ଜମୁଛି



ଭଞ୍ଜନଗର, ୨୬।୫(ବାବୁଲା ପ୍ରଧାନ)

ଭଞ୍ଜନଗର ସହର ଭେଜିପୁଟ ମା' ବ୍ରାହ୍ମଣଦେବୀ, ଠାକୁରାଣୀ ଯାତ୍ରାରେ ଦିନକୁ ଦିନ ଭିଡ଼ ଜମିରେ ଲାଗିଛି। ରବିବାର ସନ୍ଧ୍ୟାରେ ଭେଜିପୁଟ ବଡ଼ଦାଣ୍ଡରେ ହୋଇଥିବା ଅସ୍ଥାୟୀ ମଣ୍ଡପରୁ ଦେବୀ ପୂର୍ବ ମୁଖୀ ହୋଇ ବାହାରିବା ପରେ ବିଭିନ୍ନ ସାହି ପରିକ୍ରମା କରିଥିଲେ। ଏହି ସମୟରେ ପାରମ୍ପାରିକ ନୃତ୍ୟ ଏବଂ ଆତସବାଜିରେ ସହର ପ୍ରକମ୍ପିତ ହେଉଥିଲା। ସେହିଭଳି ବାଇପାସ୍ ରୋଡ଼ରେ ପଡ଼ିଥିବା ମୀନାବଜାରରେ ମଧ୍ୟ ଭିଡ଼ ହେଉଛି। ଏଥିସହ ଭେଜିପୁଟ ଶିବମନ୍ଦିର ପଡ଼ିଆରେ ଦୈନନ୍ଦିନ ସନ୍ଧ୍ୟାରେ ହେଉଥିବା ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମୁଛି। କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବାରେ ଯାତ୍ରା କମିଟି ଏବଂ ଭଞ୍ଜନଗର ପୋଲିସ ସହଯୋଗ କରୁଛି। ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଯାତ୍ରା ଚାଲିବ।

# ଆସିକାରେ ଯୁକ୍ତ ୨ ପରୀକ୍ଷା ଫଳ ଉତ୍ସାହଜନକ

ଆସିକା, ୨୬।୫(ସୁରେନ୍ଦ୍ର ନାଥ ସାହୁ)

ଆସିକାରେ ଯୁକ୍ତ୨ ପରୀକ୍ଷା ଫଳ ଉତ୍ସାହଜନକ ହୋଇଛି । ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଯୁକ୍ତ ୨ ବିଜ୍ଞାନ ଫଳାଫଳ ଶତ ପ୍ରତିଶତ ପାସ କରିଛନ୍ତି। ମୋଟ ୧୨୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୭୧ଜଣ, ଦ୍ୱିତୀୟ ଶ୍ରେଣୀରେ ୩୬ଜଣ ଓ ତୃତୀୟ ଶ୍ରେଣୀରେ ୧୩ଜଣ କୃତକାର୍ଯ୍ୟ ହୋଇଛନ୍ତି । ବିଦ୍ୟାମନ୍ଦିରର ଶିବାଣୀ ଦେବୀ, ସିମରନ ବିଶ୍ୱାଳ, ଗିରିଜା ଗୌଡ, ଆଶାଲତା ସାହୁ, ପାଓନୀ ଆଚାରୀ, ପ୍ରିୟଙ୍କା ବାଡତ୍ୟା ଓ ସୃତି ଭୋଳ ୮୦ ପ୍ରତିଶତରୁ ଅଧିକ ମାର୍କ ହାସଲ କରିଛନ୍ତି। ସେହିଭଳି ନିରଞ୍ଜନ ସରକାରୀ ମହିଳା ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନରେ ସମୁଦାୟ ୧୨୫ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୯୯ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୩, ଦ୍ୱିତୀୟ ଶ୍ରେଣୀରେ ୩୮ ଓ ତୃତୀୟ ଶ୍ରେଣୀରେ ୧୮ ରହିଥିଲା ବେଳେ ୨୬ଜଣ ଅକୃତକାର୍ଯ୍ୟ ହୋଇଥିବା ଜଣାପଡିଛି । ଏହି ମହାବିଦ୍ୟାଳୟର ଅର୍ଚ୍ଚନା ନାହାକ ୪୯୫ ମାର୍କ ରଖି ମହାବିଦ୍ୟାଳୟର ଟପ୍ପର ହୋଇଛନ୍ତି। ସେହିଭଳି ଏକ୍ସ ରେଗୁଲାର ୧୭ଜଣ ପରୀକ୍ଷାର୍ଥଙ୍କ ମଧ୍ୟରୁ ୯ଜଣ ପାସ କରିଛନ୍ତି। ପ୍ରଥମ ଶ୍ରେଣୀରେ ଜଣେ, ଦ୍ୱିତୀୟ ଶ୍ରେଣୀର ୫ଜଣ ଓ ତୃତୀୟ ଶ୍ରେଣୀରେ ୨ଜଣ ଛାତ୍ରୀ ରହିଛନ୍ତି।

ଆସିକା ବିଜ୍ଞାନ କଲେଜ ଯୁକ୍ତ୨ କଳାରେ ରେଗୁଲାର ୨୪୦ ଓ ଏକ୍ସରେଗୁଲାର ୧୦ ଏପରି ମୋଟ ୨୫୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୯ଜଣ ପାସ କରଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୪୪, ଦ୍ୱିତୀୟ ଶ୍ରେଣୀରେ ୩୫ ଓ ତୃତୀୟ ଶ୍ରେଣୀରେ ୧୩୦ ଅଛନ୍ତି। କଲେଜରେ ସୃଷ୍ଟିରାଣୀ ପଣ୍ଡା ୫୩୧ ମାର୍କ ରଖି ଟପ୍ପର ହୋଇଛନ୍ତି। ଯୁକ୍ତ୨ ବିଜ୍ଞାନରେ ୧୨୪ ରେଗୁଲାର ଓ ୪୩ ଏକ୍ସରେଗୁଲାର ମୋଟ ୧୬୭ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦୭ ପାସ କରିଛନ୍ତି। ସେଥିମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୭, ଦ୍ୱିତୀୟ ଶ୍ରେଣୀରେ ୩୩ ଓ ତୃତୀୟ ଶ୍ରେଣୀରେ ୫୭ ଅଛନ୍ତି। ରୁଦ୍ର ପ୍ରସାଦ ନାୟକ ୪୮୩ ମାର୍କ ରଖି ଟପ୍ପର କଲେଜ ହୋଇଛନ୍ତି। ସେହିଭଳି ଯୁକ୍ତ୨ ବାଣିଜ୍ୟରେ ରେଗୁଲାର ୩୬ ଓ ଏକ୍ସରେଗୁଲାର ୪ ସମୁଦାୟ ୪୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩୧ଜଣ ପାସ କରିଛନ୍ତି। ପ୍ରଥମ ଶ୍ରେଣୀରେ ୯ଜଣ, ଦ୍ୱିତୀୟ ଶ୍ରେଣୀରେ ୭ଜଣ ଓ ତୃତୀୟ ଶ୍ରେଣୀରେ ୧୫ ଅଛନ୍ତି। ଶୁଭମ ବେହେରା ୪୩୬ ମାର୍କ ରଖି ଟପ୍ପର ହୋଇଛନ୍ତି। ମହାବିଦ୍ୟାଳୟରେ ଧନ୍ଦାମୂଳକ ଶିକ୍ଷାରେ ୬ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ପ୍ରଥମ ଶ୍ରେଣୀରେ ୨ଜଣ, ଦ୍ୱିତୀୟ ଶ୍ରେଣୀରେ ଜଣେ ଓ ତୃତୀୟ ଶ୍ରେଣୀରେ ୨ଜଣ ପରୀକ୍ଷାର୍ଥି ପାସ କରିଛନ୍ତି। ଶ୍ରୀମା ପାତ୍ର ଏହିବିଭାଗରେ ଅଧିକ ମାର୍କ ରଖି ଟପ୍ପର ହୋଇଥିବା ଜଣାପଡିଛି ।

# ପଣସର ଅଭାବୀ ବିକ୍ରି, ବାହାର ରାଜ୍ୟ ବ୍ୟବସାୟୀ ମାଲାମାଲ



ପାରଳାଖେମୁଣ୍ଡି, ୨୬।୫ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ୭ଟି ବ୍ଲକ ଯଥା ମୋହନା, ଆର.ଉଦୟଗିରି, ନୂଆଗଡ, ଗୋଷାଣୀ, କାଶୀନଗର, ଗୁମ୍ମା ଏବଂ ରାୟଗଡ଼ ବ୍ଲକରେ ଉତ୍ପାଦିତ ପଣସର ଚାହିଦା ଦେଶର ବିଭିନ୍ନ ରାଜ୍ୟରେ ବେଶ ଅଧିକ ରହିଛି। ବିଶେଷକରି ପଡ଼ୋଶୀ ଆନ୍ଧ୍ର ପ୍ରଦେଶ ସହ ଛତିଶଗଡ଼, ଉତ୍ତରପ୍ରଦେଶ, ବିହାର, ପଶ୍ଚିମବଙ୍ଗ ରାଜ୍ୟକୁ ଏହା ରପ୍ତାନି ହୋଇଥାଏ। ଚଳିତବର୍ଷ ପଣସ ଉତ୍ପାଦନ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ବିଶେଷକରି ଗୁମ୍ମା ବ୍ଲକର ଢ଼କଳାକୋଟ, ଡୁମ୍ବାଡ଼ା, ଅଜୟଗଡ଼, ଭୁବୁନି, ତରଙ୍ଗଡ଼ା, ସେରଙ୍ଗ, ଆଶ୍ରୟଗଡ଼ ଓ ନାମନାଗଡ଼ ଏବଂ ରାୟଗଡ଼ ବ୍ଲକର ଜିରାଙ୍ଗ, କଇଁପୁର ଓ ମଣ୍ଡଳସାହି ସହ ଆର. ଉଦୟଗିରି, ନୂଆଗଡ, ମୋହନା, ଗୋଷାଣୀ ଓ କାଶୀନଗର ବ୍ଲକର ବହୁ ଅଞ୍ଚଳରେ ବହୁ ପରିମାଣର ପଣସ ଉତ୍ପାଦିତ ହୁଏ। ପ୍ରାୟତଃ ନଭେମ୍ବର ମାସ ଶେଷ ସପ୍ତାହରୁ ପଣସ ଫଳ ଧରେ। ଜାନୁଆରି ମାସ ସୁଦ୍ଧା ବିକ୍ରିଯୋଗ୍ୟ ହୋଇଥାଏ। ଅଧିକ ଉତ୍ପାଦନ କାରଣରୁ ଚଳିତବର୍ଷ ବଜାରକୁ ବିପୁଳ ପରିମାଣର ପଣସ ଆସିଥିବା ଦେଖିବାକୁ ମିଳୁଛି। ତେବେ ଉତ୍ପାଦିତ ପଣସକୁ ସରକାରୀ ଭାବେ ବିକ୍ରୟ ପାଇଁ କୌଣସି ସୁବିଧା ଏବଂ ପ୍ରୋତ୍ସାହନ ନଥିବା ଯୋଗୁଁ ଚାଷୀମାନେ ବାଧ୍ୟ ହୋଇ ବିଭିନ୍ନ ରାଜ୍ୟରୁ ଆସି ଡେରା ପକାଇଥିବା ବ୍ୟବସାୟୀଙ୍କୁ ସିଧାସଳଖ ବିକ୍ରି କରୁଛନ୍ତି। ସ୍ଥାନୀୟ ଚାଷୀ ବାହାରୁ ଆସୁଥିବା ବ୍ୟବସାୟୀଙ୍କୁ କିଲୋ ପିଛା ୩୦ ରୁ ୩୫ ଟଙ୍କାରେ ବିକ୍ରୟ କରୁଥିବା କହିଛନ୍ତି ଚାଷୀ ମଣ୍ଟୁ ମଣ୍ଡଳ, ଗଣେଶ ବାରିକ, ସାଇ ଗମାଙ୍ଗ ପ୍ରମୁଖ। ରାଞ୍ଚି, ରାୟପୁର, ମଥୁରା, କାଶୀ, ବୃନ୍ଦାବନ, ପାଟଣା ଓ କୋଲକାତାରୁ ଏବଂ ଅନ୍ୟ କିଛି ରାଜ୍ୟରୁ ମଧ୍ୟ ବ୍ୟବସାୟୀ ଆସିଥାନ୍ତି। ଉତ୍ପାଦନ ସମୟରେ ପ୍ରତ୍ୟେକ ଦିନ ଏହି ଅଞ୍ଚଳରୁ ପ୍ରାୟ ଦୁଇ ଟ୍ରକ ପଣସ ବାହାର ରାଜ୍ୟକୁ ଯାଉଛି। ଚଳିତବର୍ଷ ଅଧିକାଂଶ ସ୍ଥାନରେ ପଣସ ଉତ୍ପାଦନ ଅଧିକ ମାତ୍ରାରେ ହୋଇଛି। ହେଲେ ଏଥିନିମନ୍ତେ ସରକାରୀ ଭାବେ କୌଣସି ସୁବିଧା ଓ ସୁଯୋଗ ଯୋଗାଇଦେବାକୁ ଚାଷୀ ବହୁବାର ଦାବି କରିଥିଲେ ହେଁ, କୌଣସି ସୁଫଳ ମିଳୁନାହିଁ। ଫଳରେ ପଣସ ଚାଷୀମାନେ ନିଜ ଉତ୍ପାଦିତ ସାମଗ୍ରୀକୁ ଶାଗ ମାଛ ଦରରେ ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏଥିପାଇଁ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଚାଷୀମାନେ ନିବେଦନ କରିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଭଞ୍ଜନଗର,୨୬।୫(ବାବୁଲା ପ୍ରଧାନ)

ଭଞ୍ଜନଗର ଥାନା ଲଣ୍ଡେଇସାହିର ରାକେଶ ରୋଷନ ସାହୁ ଶନିବାର ରାତିରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଦେଇଛି। କେଉଁ କାରଣରୁ ରାକେଶ ଆତ୍ମହତ୍ୟା କଲେ ତାହା ଜଣାପଡୁନାହିଁ। ଶନିବାର ରାକେଶ ସ୍ତ୍ରୀ ଓ ଛୁଆଙ୍କୁ ନେଇ ପାର୍କ ବୁଲିବାକୁ ଯାଇଥିଲେ। ରାତିରେ ରାକେଶ ନିଶାଗ୍ରସ୍ତ ଅବସ୍ଥାରେ ଘରକୁ ଫେରି କୈଣସି କାରଣରୁ ସ୍ତ୍ରୀ ସହ ଝଗଡ଼ା କରିଥିଲା। ଏହାପରେ ରାକେଶ ହଠାତ୍ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ରାକେଶଙ୍କ ୪ବର୍ଷର ଏକ ପୁତ୍ର ଅଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ।

### ଉପକାରାଗାରରେ ସ୍ନେହ ମିଳନ ଉତ୍ସବ

ଆସିକା,୨୬।୫(ସୁରେନ୍ଦ୍ର ନାଥ ସାହୁ)

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଶାନ୍ତି ଶକ୍ତି ଭବନ ପକ୍ଷରୁ ରବିବାର ଆସିକା ଉପକାରାଗାରରେ ସ୍ନେହ ମିଳନ ଉତ୍ସବ ହୋଇଥିଲା। କାରାଗାରର ଅଧିକ୍ଷକ ସୁପକ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶାନ୍ତିଶକ୍ତି ଭବନର ସଞ୍ଚାଳିକା ପ୍ରଭାତି ଯୋଗଦେଇଥିଲେ। ଏଥିସହ ରାଜଯୋଗର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ସହ ଅଭ୍ୟାସ ବି କରାଇଥିଲେ। କାର୍ଯ୍ୟକ୍ରମରେ ଅନ୍ତେବାସୀଙ୍କ ସହ କାରାଗାର କର୍ମଚାରୀ ହରିକୃଷ୍ଣ ବେହେରା, ଅନ୍ତର୍ଯ୍ୟାମୀ ପ୍ରଧାନ, ସୀମାଞ୍ଚଳ ବେହେରା, ହରିହର ବେହେରା, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଆହତ ହରିଣ ଉଦ୍ଧାର

ମୋହନା,୨୬।୫(ମନ୍ମଥ ମିଶ୍ର)

ମୋହନା ସଦର ମହକୁମାର ତାରିଣୀ ମନ୍ଦିର ସାମ୍ନାରେ ଥିବା ଜଙ୍ଗଲରୁ ରାସ୍ତା କଡ଼କୁ ଚାଲି ଆସିଥିବା ଏକ ହରିଣ ଛୁଆ କିଛି ବୁଲା କୁକୁର ଆକ୍ରମଣରେ ଆହତ ହୋଇଥିଲା। ଗ୍ରାମବାସୀ ଦେଖି ବନବିଭାଗକୁ ଜଣାଇଥିଲେ। ମୋହନା ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି କୁକୁର କାମୁଡ଼ାରେ ଆହତ ହରିଣ ଛୁଆକୁ ଉଦ୍ଧାର କରି ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଆହତ ହରିଣ ଛୁଆକୁ ଅବଜରବେସନରେ ରଖାଯାଇଛି। ଛି।

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ର ସମ୍ପାଦକ, ଅଧ୍ୟକ୍ଷ ସମ୍ମିଳନୀ

ଭଞ୍ଜନଗର,୨୬।୫(ବାବୁଲା ପ୍ରଧାନ)

ଭଞ୍ଜନଗର ଶ୍ରୀଅରବିନ୍ଦ ଶକ୍ତିପୀଠ ପରିସରରେ ରବିବାର ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲାର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସମ୍ପାଦକ ଓ ଅଧ୍ୟକ୍ଷ ସମ୍ମିଳନୀ ହୋଇଥିଲା। ବୈଠକରେ ନୂଆଁ ଶିକ୍ଷା ନିତୀ, ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି, ଶିକ୍ଷାନୁଷ୍ଠାନଗୁଡ଼ିକର କିଭଳି ଉନ୍ନତି ହୋଇପାରିବ ସେନେଇ ଆଲୋଚନା ହୋଇଥିଲା। ଶ୍ରୀଅରବିନ୍ଦ ପାଠଚକ୍ର ଦକ୍ଷିଣ ଓଡ଼ିଶା ସଙ୍ଗଠକ ଲଲାଟେନ୍ଦୁ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଷୟ ଉପରେ କହିଥିଲେ। ଶିକ୍ଷାକେନ୍ଦ୍ର ଗଞ୍ଜାମ ଜିଲା ସଂଯୋଜକ ମନୋଜ ସ୍ୱାଇଁ ସଭା ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାଧକ ତଥା ଜିଲା ସଙ୍ଗଠକ ଶଶଧର ବେହେରା, ହରେକୃଷ୍ଣ ପ୍ରଧାନ, ଶିବରାମ ପଣ୍ଡା, ଭଞ୍ଜନଗର ଅଞ୍ଚଳ ସଙ୍ଗଠକ ରଘୁନାଥ ପଣ୍ଡା, ଭଞ୍ଜନଗର ଶିକ୍ଷାକେନ୍ଦ୍ର ସଭାପତି କୃତିବାସ ବିଶ୍ୱାଳ, ପାରଳାଖେମୁଣ୍ଡି ଶିକ୍ଷାକେନ୍ଦ୍ର କର୍ମକର୍ତ୍ତା ଅରବିନ୍ଦ ଦାସ, ଫୁଲବାଣୀ ଶିକ୍ଷାକେନ୍ଦ୍ର କର୍ମକର୍ତ୍ତା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ସାଧକ ଦିନେଶ ବିଶ୍ୱାଳ ଧ୍ୟାନ ପ୍ରାର୍ଥନା କରିଥିବା ବେଳେ ସୁନନ୍ଦା ବେହେରା ମାତୃ ବନ୍ଦନା ପାଠ କରିଥିଲେ। ରଶ୍ମିତା ସାହୁ ଦୁର୍ଗାସ୍ତୋତ୍ର ପଠନ କରିଥିବା ବେଳେ ରତ୍ନମଞ୍ଜରୀ ପାଢ଼ୀ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ପ୍ରାଧାପକ ବିଭାସ ଦାସ, ଶକ୍ତିପୀଠ ଟ୍ରଷ୍ଟି ରମେଶ ବେହେରା ପ୍ରମୁଖ ସହଯୋଗ କରିଥିଲେ ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

# ଛତ୍ରପୁର ମହାବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କ ବୈଠକ




ବୈଠକରେ ଯୋଗଦେଇଥିବା ଅତିଥିମାନେ ଉଦ୍‌ବୋଧନ ଦେଉଛନ୍ତି।

ଛତ୍ରପୁର, ୨୬।୫ (ସନ୍ତୋଷ ପାଢ଼ୀ)

ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ମୋ କଲେଜ ତଥା ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ପୁରାତନ ଛାତ୍ରମାନଙ୍କର ଏକ ବୈଠକ ମହାବିଦ୍ୟାଳୟର ପରିସର ମଧ୍ୟରେ ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଫଳ ଉଦ୍ୟୋଗୀ ତଥା ଜାତୀୟସ୍ତରରେ ପ୍ରତିଷ୍ଠିତ ରାଜେନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହାବିଦ୍ୟାଳୟର ଅଭିବୃଦ୍ଧିରେ ପୁରାତନ ଛାତ୍ରଛାତ୍ରୀମାନଙ୍କର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥି ଅଧିବକ୍ତା ବ୍ରଜମୋହନ ଆଚାର୍ଯ୍ୟ ପୁରାତନ ଛାତ୍ର ସଂସଦର ପ୍ରତିନିଧି ଭାବରେ ମହାବିଦ୍ୟାଳୟର ଅଭିବୃଦ୍ଧିରେ ସହଯୋଗ ପ୍ରଦାନ ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ଼ଃ ପିଙ୍କି ରାଣୀ ଦେଇ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ।

ଏହି ବୈଠକରେ ମହାବିଦ୍ୟାଳୟର ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରାଯାଇ ସୌଖିକ ବାତାବରଣ ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବାକୁ ସ୍ଥିର କରାଗଲା। ଏତଦ୍ ବ୍ୟତୀତ ସମାଜ ବିଜ୍ଞାନ, ଆଇଆରପିଏମ, ସାମ୍ବାଦିକତା ଓ ଗଣ ଯୋଗାଯୋଗ , ଗୃହ ବିଜ୍ଞାନ ଶିକ୍ଷା ବିଭାଗର ସମ୍ମାନ ବିଷୟ ଖୋଲାଯିବାର ପ୍ରସ୍ତାବ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶିନୀ ପାତ୍ର, ପି. ଧର୍ମା ରେଡ୍ଡୀ, ଆଦିତ୍ୟ ମିଶ୍ର, ପ୍ରଶାନ୍ତ କୁମାର ଶତପଥୀ, ରାଜେନ୍ଦ୍ର ଦାଶ, ଚିନ୍ମୟ ଦାଶ, ଏମ. ଧନଞ୍ଜୟ ରେଡ୍ଡୀ, ମନୋଜ ପାଢ଼ୀ, କମଲ ପଣ୍ଡା, ଇଜୁ ଖାଁ, ଜଲାଲ ଖାଁ , ଅଜିତ ସ୍ୱାଇଁ, ଲକ୍ଷ୍ମୀଚରଣ ପଣ୍ଡା, ସନ୍ତୋଷ ମିଶ୍ର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ରାମକୃଷ୍ଣ ପାଣିଗ୍ରାହୀ, ସମୀର ଆଚାର୍ଯ୍ୟ, ରବିନ୍ଦ୍ର ନାହାକ, ବନୋଜ ନାହାକ, ବି.ରାଜିବାବୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଡଃ ଅଜିତ କୁମାର ସେଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ସୁରଚିତା ପଟ୍ଟନାୟକ ମୋ କଲେଜର ବିବରଣୀ ପାଠ କରିଥିଲେ।

# ରେମାଲ ପ୍ରଭାବ : ଲହଡ଼ି ମାଡ଼ରେ ଋଷିକୁଲ୍ୟାରେ ଦ୍ୱିତୀୟ ମୁହାଣ ଖୋଲିଲା

ଗଞ୍ଜାମ,୨୬।୫(ବିଦ୍ୟାଧର ସାହୁ)

ସାମୁଦ୍ରିକ ଝଡ଼ 'ରେମଲ' ରବିବାର ପଶ୍ଚିମବଙ୍ଗ ଓ ବଙ୍ଗଳାଦେଶ ମଧ୍ୟରେ ସ୍ଥଳଭାଗ ଛୁଇଁଛି। ଫଳରେ ସମୁଦ୍ର ଅଶାନ୍ତ ରହିଥିବା ବେଳେ ଉଚ୍ଚ ଲହଡି ସୃଷ୍ଟି ହୋଇଛି। ଗଞ୍ଜାମ ବ୍ଲକ ଅନ୍ତର୍ଗତ ପୁରୁଣାବନ୍ଧ ଗ୍ରାମ ସ୍ଥିତ ମା' ଗଙ୍ଗାଦେବୀ ମନ୍ଦିର ସମ୍ମୁଖରେ ଋଷିକୂଲ୍ୟାରେ ନୂତନ ଭାବେ ଦ୍ୱିତୀୟ ମୁହାଣ ଖୋଲିଥିବା ଦେଖିବାକୁ ମିଳିଛି। ଏନେଇ ସ୍ଥାନୀୟ ଋଷିକୁଲ୍ୟା ସମୁଦ୍ର କଇଁଚ ସୁରକ୍ଷା ସମିତି ସମ୍ପାଦକ ରବିନ୍ଦ୍ରନାଥ ସାହୁ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନୂତନ ମୁହାଣଟି ଖୋଲିବା ଫଳରେ ନଦୀ ଓ ସମୁଦ୍ର ମଧ୍ୟରେ ଠିକ ଭାବରେ ଜୁଆର ଓ ଭଟ୍ଟା ସମୟରେ ଜଳ ନିଷ୍କାସନ ହୋଇପାରିବ ବୋଲି ପରିବେଶବିତ ସାହୁ ପ୍ରକାଶ କରିଛନ୍ତି। ପ୍ରଥମ ମୁହାଁଣଟି ସମ୍ପ୍ରତି ଗଙ୍ଗାଦେବୀ ମନ୍ଦିର ନିକଟରୁ ଉତ୍ତର ଦିଗରେ ପ୍ରାୟ ୪ କିଲୋମିଟର ଦୂରତା ମଧ୍ୟରେ ରହିଥିବା ବେଳେ ସେହି ମୁହାଣଟି ଧୀରେ ଧୀରେ ପୋତି ହେବାକୁ ବସିଲାଣି। ବର୍ତ୍ତମାନ ନୂତନ ମୁହାଣ ଖୋଲିବା ଜଣାପଡିବା ଫଳରେ ପରିବେଶବିତ ଓ ସ୍ଥାନୀୟ ମତ୍ସ୍ୟଜୀବିମାନଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ନୂତନ ମୁହାଣଟି ଖୋଲିବା ଯୋଗୁଁ ଆଗାମୀ ବର୍ଷା ଦିନରେ ବନ୍ୟା ବିପତ୍ତିରୁ ସ୍ଥାନୀୟ ଜନ ବସତି ସୁରକ୍ଷା ହୋଇପାରିବ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଅନ୍ୟପଟେ ନୂତନ ମୁହାଣ ଖୋଲିବା ଯୋଗୁଁ ସ୍ଥାନୀୟ ମତ୍ସ୍ୟଜୀବିମାନେ ଠିକ ଭାବେ ମାଛ ମାରି ଜୀବିକା ସୁଗମ ହୋଇପାରିବ ବୋଲି କୁହାଯାଇଛି। ଯାହାକୁନେଇ ଋଷିକୁଲ୍ୟା ନଦୀରେ ମାଛ ମାରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀମାନେ ଖୁସି ଜାହିର କରିଛନ୍ତି।



ଅଶାନ୍ତ ସମୁଦ୍ର

# ମାଟ୍ରିକ ଛାତ୍ରୀଛାତ୍ରଙ୍କ ସଫଳତା

## ଆସିକା ବ୍ଲକରେ ୧,୮୯୧ ଉତ୍ତୀର୍ଣ୍ଣ

ଆସିକା,୨୬।୫(ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକରେ ଚଳିତବର୍ଷ ୩୪ ହାଇସ୍କୁଲର ୧୮୯୧ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ଏ ଗ୍ରେଡରେ ୫ ଜଣ, ଏ-୨ରେ ୪୬ ଜଣ, ବି-୧ରେ ୧୮୬, ବି-୨ରେ ୩୪୩, ସି ଗ୍ରେଡରେ ୫୭୭, ଡି ଗ୍ରେଡରେ ୫୨୪ ଏବଂ ଇ ଗ୍ରେଡରେ ୨୧୦ ଛାତ୍ରୀଛାତ୍ର ଅଛନ୍ତି । ୧୧ଜଣ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି।

ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୩୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଶତପ୍ରତିଶତ କୃତକାର୍ଯ୍ୟ ହୋଇଛନ୍ତି। ସେଥିମଧ୍ୟରେ ଏ-୧ ଗ୍ରେଡରେ ୯ଜଣ, ଏ-୨ରେ ୨୬ ଜଣ, ବି-୧ରେ ୪୫, ବି-୨ରେ ୩୭, ସି ଗ୍ରେଡରେ ୧୭ ଓ ୨ଜଣ ଡି ଗ୍ରେଡର କୃତକାର୍ଯ୍ୟ ହୋଇଛନ୍ତି। ବିଦ୍ୟାଳୟର ପ୍ରତିଚି ସେଠୀ ଏବଂ ଆଲୋକ ପାଣିଗ୍ରାହୀ ଉଭୟେ ୫୫୨ ଲେଖାଏ ମାର୍କ ରଖି ବିଦ୍ୟା ମନ୍ଦିରର ଟପ୍ପର ହୋଇଛନ୍ତି। ପ୍ରଥମ ୧୦ଜଣଙ୍କ ମଧ୍ୟରେ ସ୍ୱାଗତିକା ପଟ୍ଟନାୟକ, ଆଦିତ୍ୟ ପଣ୍ଡା, ଆଦ୍ୟାସା ସାହୁ, ଜ୍ୟୋତିର୍ମୟୀ ଭଞ୍ଜ, ଶ୍ରୀତମ ସ୍ୱରୂପ ଉଦଗାତା, ଶ୍ରୀଲେଖା ପଟ୍ଟନାୟକ ଓ ଅଂଶୁମାନ ସାହୁ ରହିଛନ୍ତି। ଆସିକା ହରିହର ହାଇସ୍କୁଲରେ ୮୬ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଏ ଗ୍ରେଡରେ ୨ଜଣ, ଏ-୨ରେ ୪ଜଣ, ବି-୧ରେ ୧୯ଜଣ, ବି-୨ରେ ୧୭ଜଣ, ସି ଗ୍ରେଡରେ ୨୨ଜଣ, ଡି ଗ୍ରେଡରେ ୧୭ ଓ ଇ ଗ୍ରେଡରେ ୫ଜଣ କୃତକାର୍ଯ୍ୟ ହୋଇଛନ୍ତି । ଏନଏସି ହାଇସ୍କୁଲରେ ଏ ଗ୍ରେଡରେ ଜଣେ, ଏ-୧ ଓ ବି-୧ ଗ୍ରେଡରେ ଜଣେ ଲେଖାଏଁ, ବି-୨ ଗ୍ରେଡରେ ୩ଜଣ, ସି ଗ୍ରେଡରେ ୧୧ଜଣ, ଡି ଗ୍ରେଡରେ ୮ଜଣ ଓ ଇ ଗ୍ରେଡରେ ୯ଜଣ ରହିଛନ୍ତି। ସରକାରୀ ବାଳିକା ହାଇସ୍କୁଲରେ ଏ ଗ୍ରେଡରେ ଜଣେ, ବି-୧ ଗ୍ରେଡରେ ୯ଜଣ, ବି-୨ ରେ ୧୮ଜଣ, ସି ଗ୍ରେଡରେ ୧୭, ଡି ଗ୍ରେଡରେ ୧୮ ଓ ଇ ଗ୍ରେଡରେ ୩ଜଣ କୃତକାର୍ଯ୍ୟ ହୋଇଛନ୍ତି।

## କବିସୂର୍ଯ୍ୟନଗରରେ ୯୯.୪୩% ପାସ୍

କବିସୂର୍ଯ୍ୟନଗର,୨୬।୫(କୃପାସିନ୍ଧୁ ସ୍ୱାଇଁ)

କବିସୂର୍ଯ୍ୟନଗର ବ୍ଲକରେ ମାଟ୍ରିକ୍ ପରୀକ୍ଷା ଦେବାକୁ ମୋଟ ୧୭୯୩ ଛାତ୍ରୀଛାତ୍ର ଫର୍ମ ପୂରଣ କରିଥିଲେ ମଧ୍ୟ ୧୭୬୮ଜଣ ପରୀକ୍ଷା ଦେଇଥିଲେ। ତେବେ ଫଳାଫଳ ପ୍ରକାଶ ପାଇବା ପରେ ପାସ୍ ହାର ୯୯.୪୩% ହିଥିବା ଜଣାପଡିଛି। ବ୍ଲକରେ ମୋଟ ୬ ଜଣ ଏ-୧, ୪୬ ଜଣ ଏ-୨, ୧୫୭ଜଣ ବି-୧, ୩୨୧ ଜଣ ବି-୨, ୫୦୬ ଜଣ ସି , ୪୮୫ ଜଣ ଡି , ୨୩୭ ଜଣ ଇ ଗ୍ରେଡ ପାଇଛନ୍ତି। ୧୦ ଜଣ ଏଫ ରେ ଅଛନ୍ତି। କବିସୂର୍ଯ୍ୟନଗର ବୁଢ଼ାମ୍ବ ଶ୍ରୀଶ୍ରୀ ରାଧାକୃଷ୍ଣ ହାଇସ୍କୁଲର ସୌମ୍ୟରଞ୍ଜନ ସାହୁ ୫୫୨(୯୨%) ଓ ହିଣ୍ଡଳ ବ୍ରାହ୍ମଣ ଦେବି ହାଇସ୍କୁଲ ଦୀପାରାଣୀ ପୋଲାଇ ୫୫୨(୯୨%), ସୁନାପଲ୍ଲୀ ଶିବାନୀ ହାଇସ୍କୁଲ ଶେଖର ସେଠି ୫୫୧ମାର୍କ (୯୧.୮୩%) ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶୁଭମ ସୋମ୍ୟ ସା ୫୫୧(୯୧.୮୩%), ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସ୍ୱାଗତ ମହାନ୍ତି ୫୪୦(୯୦%) ଓ ଆମ୍ବପୁଆ ଉଚ୍ଚ ମାଧ୍ୟମିକ ହାଇସ୍କୁଲ ସୋନାଲି ନାହାକ ୫୪୦ମାର୍କ (୯୦%) ରଖିଛନ୍ତି।

## ଦୀପକ ବୁଗୁଡ଼ା ବ୍ଲକ ମାଟ୍ରିକ ଟପ୍ପର

ବୁଗୁଡ଼ା,୨୬।୫(କାଳିଚରଣ ଦାଶ)



ବୁଗୁଡ଼ା ବ୍ଲକରେ ମାଟ୍ରିକ୍ ଫଳକୁ ନେଇ ପିଲାଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି । ବ୍ଲକ ଅନ୍ତର୍ଗତ ୨୭ଟି ହାଇସ୍କୁଲ ମଧ୍ୟରୁ ୨ଟି ହାଇସ୍କୁଲର ୨ ଜଣ ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପୋଚାଲୁଣ୍ଡି ଗ୍ରାମ ମା' କାଳୀ କୃଷକ ବିଦ୍ୟାପୀଠର ଛାତ୍ର ଦୀପକ କୁମାର ବେହେରା ସର୍ବାଧିକ ୫୫୩ ନମ୍ବର (୯୨.୧୬%)ରଖି ବୁଗୁଡ଼ା ବ୍ଲକ ଟପ୍ପର ବିବେଚିତ ହୋଇଛନ୍ତି। ସେହିପରି ଅନ୍ତରପଡା ଗ୍ରାମସ୍ଥ ଶକୁନ୍ତଳା ବିଦ୍ୟାପୀଠର ଛାତ୍ର ସ୍ୱସ୍ତି ସ୍ୱରାଜ ଶତପଥୀ ୫୪୦ ନମ୍ବର ହାସଲ କରି ଏ-୧ରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ଚଳିତ ବର୍ଷ ବୁଗୁଡ଼ା ଗୋଷ୍ଠୀ ଶିକ୍ଷାଧୀକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ୧୦ଟି କେନ୍ଦ୍ରରେ ମୋଟ ୧୮୩୯ ଜଣ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେଇଥିଲେ।

## ଅଭିପ୍ସା ଛତ୍ରପୁର ବ୍ଲକ ଟପ୍ପର



ପ୍ରତିଭା ଗୌଡ

**ଛତ୍ରପୁର, ୨୬।୫ (ଦିଲୀପ ସାମଲ):** ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳାଫଳ ରବିବାର ପ୍ରକାଶ ପାଇଛି। ଏଥିରେ ଛତ୍ରପୁର ବ୍ଲକର ୯୯.୧୬ ପ୍ରତିଶତ ପାସ ହାର ରହିଛି। ଚଳିତ ବର୍ଷ ଛତ୍ରପୁର ବ୍ଲକ ଅନ୍ତର୍ଗତ ସମସ୍ତ ହାଇସ୍କୁଲରୁ ୧୭୮୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୧୭୬୭ ଜଣ ଛାତ୍ରଛାତ୍ରୀ ପାସ କରିଛନ୍ତି। ଛତ୍ରପୁର ସହରର ଅଭିପ୍ସା ପ୍ରିୟଦର୍ଶିନୀ ନେପାକ ମୋଟ ୫୬୧ ନମ୍ବର ମାର୍କ ରଖି ଛତ୍ରପୁର ବ୍ଲକ ଟପ୍ପର ହୋଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ଅଭିପ୍ସା ଛତ୍ରପୁର ଶ୍ରୀରାମନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ। ତାଙ୍କ ବାପା ରବିନ୍ଦ୍ରନାଥ ନେପାକ ଓ ମା' ଗୀତାଞ୍ଜଳି ମହାନ୍ତି ଶିକ୍ଷକତା କରନ୍ତି।

## ଶେରଗଡ଼ ବ୍ଲକରେ ୧୭ ସ୍କୁଲରେ ଶତ ପ୍ରତିଶତ ପାସ୍





**ଶେରଗଡ, ୨୬।୫ (ସୂର୍ଯ୍ୟନାରାୟଣ ଦାଶ):** ଶେରଗଡ ବ୍ଲକରେ ୯୯.୨୫ ପ୍ରତିଶତ ମାଟ୍ରିକ ଫଳାଫଳ ହୋଇଛି। ମୋଟ ୧୭୫୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୭୩୭ ଜଣ ପାସ କରିଛନ୍ତି। ୨୭ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୧୭ଟି ସ୍କୁଲରେ ଶତ ପ୍ରତିଶତ ଫଳାଫଳ ହୋଇଛି। ବ୍ଲକରେ ଦୁଇଜଣ ଏ-୧ ରେ ପାସ କରିଛନ୍ତି। ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟର ପ୍ରତିଭା ଗୌଡ ୫୪୫ ରଖିଥିବା ବେଳେ ଗୋଠଗାଁ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟର ଅର୍ଚ୍ଚିତା ସ୍ୱାଇଁ ୫୪୨ ମାର୍କ ରଖି ଗୌରବ ଆଣିଛନ୍ତି। ଶତ ପ୍ରତିଶତ ଫଳାଫଳ କରିଥିବା ବିଦ୍ୟାଳୟ ମଧ୍ୟରେ ଟାକରଡା ଶହୀଦ ଉଚ୍ଚ ବିଦ୍ୟାଳୟ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଡିଙ୍କିଶାଳ, ଅଲାରିଗଡ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ଉନ୍ନତ ଉଚ୍ଚ ବିଦ୍ୟାଳୟ ବି ବ୍ରହ୍ମପୁର, ଉଚ୍ଚ ବିଦ୍ୟାଳୟ ବ୍ରାହ୍ମଣଛାଇ, ଶେରଗଡ ମହାତ୍ମାଗାନ୍ଧୀ ଉଚ୍ଚବିଦ୍ୟାଳୟ, ପିତଳ ବାଳିକା ଉଚ୍ଚବିଦ୍ୟାଳୟ, ଗୋବିନ୍ଦପୁର ଉଚ୍ଚବିଦ୍ୟାଳୟ, ଉନ୍ନତ ଉଚ୍ଚ ବିଦ୍ୟାଳୟ ନରେନ୍ଦ୍ରପୁର, ଖିରିଡା ଉନ୍ନତ ଉଚ୍ଚବିଦ୍ୟାଳୟ, ଠୁରୁବୁରାଇ ଉନ୍ନତ ଉଚ୍ଚବିଦ୍ୟାଳୟ, ଗୋଠଗାଁ ଉନ୍ନତ ଉଚ୍ଚବିଦ୍ୟାଳୟ, ଡେଙ୍ଗାପଦର ଉନ୍ନତ ଉଚ୍ଚ ବିଦ୍ୟାଳୟ ଲାଞ୍ଜିଆପଲ୍ଲୀ ଉନ୍ନତ ଉଚ୍ଚ ବିଦ୍ୟାଳୟ ରହିଛି।

## କନ୍ଧମାଳରେ ୯୬.୬% ପାସ

### ସୂୟାସ ପ୍ରଥମ, ତିତୀକ୍ଷା ଦ୍ୱିତୀୟ, ଓମ ପ୍ରସାଦ ତୃତୀୟ



ସୂୟାସ



ତିତୀକ୍ଷା



ଓମ ପ୍ରସାଦ

**ଫୁଲବାଣୀ, ୨୬।୫(ରାକେଶ କୁମାର ରାଉତ):** ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। କନ୍ଧମାଳ ଜିଲାରେ ୯୬. ୬ ପ୍ରତିଶତ ଛାତ୍ରୀଛାତ୍ର ପାସ କରିଛନ୍ତି। ଜି.ଉଦୟଗିରି ହୁବାକ ହାଇସ୍କୁଲ ଛାତ୍ର ସୁୟାସ ସାମଲ ସର୍ବାଧିକ ୫୫୮ ନମ୍ବର ୯୩% ରଖି ଜିଲା ଟପ୍ପର ହୋଇଛନ୍ତି। ସେହିପରି ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ତିତୀକ୍ଷା ପଣ୍ଡା ୫୫୪ ନଂ ୯୨.୩୦% ରଖି ଦ୍ୱତୀୟ ଓ ବାଲିଗୁଡା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଓମ ପ୍ରସାଦ ସାହୁ ୫୫୨ ନଂ ୯୨% ରଖି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଜିଲାରେ ମୋଟ ଏ-୧ରେ ୧୪ ଜଣ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ୧୦ ଜଣ ଛାତ୍ରୀ ରହିଥିବା ବେଳେ ୪ ଜଣ ଛାତ୍ର ଅଛନ୍ତି । ଜିଲାରେ ଛାତ୍ରୀଙ୍କ ସଫଳତା ହାର ଛାତ୍ରଙ୍କ ଅପେକ୍ଷା ଅଧିକ ରହିଛି । ଚଳିତ ବର୍ଷ ଜିଲାର ୨୦୮ ଟି ହାଇସ୍କୁଲର ୧୦ ହଜାର ୬୯୨ ଜଣ ରେଗୁଲାର ପରୀକ୍ଷାର୍ଥୀ ଫର୍ମ ପୂରଣ କରିଥିବା ବେଳେ ଏକ୍ସ ରେଗୁଲାର ୨୬ ଓ ମଧ୍ୟମା ୧୩୬ ଜଣ ଛାତ୍ରୀଛାତ୍ରୀ ଫର୍ମ ପୂରଣ କରିଥିଲେ। ଅନ୍ୟ ପରୀକ୍ଷାର୍ଥୀଙ୍କୁ ମିଶାଇ ମୋଟ ୧୧ହଜାର ୨୮୭ ଜଣ ଫର୍ମ ପୁରଣ କରିଥିଲେ। ୨୦୮ ସ୍କୁଲରୁ ୧୨୫ଟି ସ୍କୁଲରେ ଶତ ପ୍ରତିଶତ ପରିକ୍ଷାର୍ଥୀ ପାସ କରିଛନ୍ତି।

## ଟିକିଟି ବ୍ଲକରେ ମାଟ୍ରିକ୍ ପାସ୍ ହାର ୯୮.୭%



କେ.ଆଦ୍ୟାଶା ପାତ୍ର



ଶୁଭଶ୍ରୀ ନାୟକ

**ଟିକିଟି,୨୬।୫(ପ୍ରକାଶ ଚନ୍ଦ୍ର ସାହୁ):** ଟିକିଟି ବ୍ଲକରେ ମାଟ୍ରିକ ଫଳାଫଳକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପାସ୍ ହାର ୯୮.୭% ରହିଛି। ବ୍ଲକର ୨୨ଟି ଉଚ୍ଚ ବିଦ୍ୟାଳୟରେ ୧୫୨୦ ଜଣ ଛାତ୍ରୀଛାତ୍ର ୯ଟି କେନ୍ଦ୍ରରେ ପରୀକ୍ଷା ଦେଇଥିଲେ। ସେଥିମଧ୍ୟରୁ ଶୁନପୁର କାଶୀ ବିଶ୍ୱନାଥ ବିଦ୍ୟାଳୟର ଛାତ୍ରୀ କେ.ଆଦ୍ୟାଶା ପାତ୍ର ଓ ଟିକିଟି ପେଣ୍ଠ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଶୁଭଶ୍ରୀ ନାୟକ ଉଭୟେ ସମୁଦାୟ ୬୦୦ ନମ୍ବରରୁ ୫୪୦ ରଖି ଏ-୧ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଏ-୨ ଗ୍ରେଡରେ ୧୮, ବି-୧ରେ ୫୧, ବି-୨ରେ ୧୮୨, ସି ଗ୍ରେଡରେ ୩୬୭, ଡି ରେ ୫୨୨ ଓ ୩୪୫ ଜଣ ଇ ଗ୍ରେଡ ପାଇଛନ୍ତି। ୧୫ ଜଣଙ୍କ ଏଫ ଗ୍ରେଡ ରହିଛି। ସମୁଦାୟ ୧୫୦୧ଜଣ ଛାତ୍ରୀଛାତ୍ର ପାସ୍ ହୋଇଥିବା ବେଳେ ୧୯ଜଣ ଛାତ୍ରୀଛାତ୍ର ଫେଲ୍ ହୋଇଥିବା ବ୍ଲକ୍ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ସୂଚନା ଦେଇଛନ୍ତି।

## ସ୍ନେହାଶିଷ ଦିଗପହଣ୍ଡି ବ୍ଲକ ଟପ୍ପର

**ଦିଗପହଣ୍ଡି,୨୬।୫(ଅଶେଷ ନାଥ ମିଶ୍ର):** ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମାଟ୍ରିକ ପାସ ହାର ଶତ ପ୍ରତିଶତ ରହିଥିବା ବେଳେ ଛାତ୍ର ସ୍ନେହାଶିଷ ମହାପାତ୍ର ୬୦୦ ମାର୍କରୁ ୫୫୭ ନମ୍ବର ରଖି ବ୍ଲକ ଟପ୍ପର ହୋଇଛନ୍ତି। ଚଳିତ ବର୍ଷ ବ୍ଲକରେ ୨୪୨୫ ଜଣ ପରୀକ୍ଷା ଦେଇଥିବା ବେଳେ ସେଥିରୁ ୨୪୦୬ ଜଣ ପାସ କରିଛନ୍ତି। ବ୍ଲକରେ ସର୍ବାଧିକ ୧୩ ଜଣ ଏ-୧ ଗ୍ରେଡ ନମ୍ବର ରଖିଛନ୍ତି । ସେଥିମଧ୍ୟରୁ ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରୁ ୭ ଜଣ , ପଦ୍ମନାଭପୁର ଶ୍ରୀ ଧାମ ଆବାସିକ ଶିଶୁ ବିଦ୍ୟାମନ୍ଦିରରୁ ୩ , ବମକୋଇ ଶିବାନନ୍ଦ ହାଇସ୍କୁଲ , ଜକର ହାଇସ୍କୁଲ ଏବଂ ଗଡଗୋବିନ୍ଦପୁର ରଘୁନାଥ ହାଇସ୍କୁଲରୁ ଜଣେ ଲେଖାଏଁ ଏ-୧ ଗ୍ରେଡ ହାସଲ କରିଛନ୍ତି। ଏ-୧ ଗ୍ରେଡ଼ ରଖିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଛାତ୍ର ସ୍ନେହାଶିଷ ମହାପାତ୍ର (୫୫୭), ରିଶ୍ମାରାଣୀ ପାତ୍ର (୫୫୨), ପ୍ରଣତି ପାତ୍ର ( ୫୫୨), ବିଶ୍ୱଜିତ ଗୌଡ (୫୫୨), ରୋଶନ ସ୍ୱାଇଁ (୫୫୧), ରତୁପର୍ଣ୍ଣା ପଣ୍ଡା ( (୫୪୦), ଶୁଭସ୍ମିତା ସାହୁ (୫୪୦), ପଦ୍ମନାଭପୁର ଆବାସିକ ବିଦ୍ୟାଳୟରୁ ଛାତ୍ର (୫୫୬), ଚିନ୍ମୟୀ ରେଡ୍ଡୀ (୫୫୫), ସାଇ ଲକ୍ଷ୍ମୀ (୫୫୨), ଜକର ହାଇସ୍କୁଲ ଛାତ୍ର ନିଳାଞ୍ଚଳ ସାହୁ ( ୫୪୨), ବମକୋଇ ଶିବାନନ୍ଦ ନୋଡାଲ ହାଇସ୍କୁଲ ଛାତ୍ର ଲୋକନାଥ ପ୍ରଧାନ (୫୪୦), ଗଡଗୋବିନ୍ଦପୁର ରଘୁନାଥ ବିଦ୍ୟାଳୟ ଛାତ୍ର ଦୀପକ ପାତ୍ର (୫୪୦) ନମ୍ବର ରଖି ଏହି ସଫଳତା ହାସଲ କରିଛନ୍ତି। ପ୍ରଧାନ ଆଚାର୍ଯ୍ୟ ଷଷ୍ଠୀ ପ୍ରସାଦ ବିଷୋୟୀ ଓ ଭଗବତୀ ପ୍ରସାଦ ମିଶ୍ର , ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ରାମଚନ୍ଦ୍ର ସାହୁ , ସମ୍ପାଦକ ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଶୁଭକାମନା ଜଣାଇଛନ୍ତି। ବ୍ଲକ ଶିକ୍ଷାଧିକାରୀ କୋରେଶ ସେଠୀ, ଏବିଇଓ ବାଳା ମାଝୀ, ରସାନନ୍ଦ ଘଡେଇ, ବିଶ୍ୱବା ପାଇକ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଶୁଭକାମନା ଜଣାଇଛନ୍ତି।

# ବିଜ୍ଞାନରେ ପାସ୍ ହାର ୮୫.୫୨%, କଳାରେ ୮୩.୨୮%, ବାଣିଜ୍ୟରେ ୮୧.୮୧ %

ବ୍ରହ୍ମପୁର,୨୬।୫(ସ୍ମୃତି ରଞ୍ଜନ ମହାଲିକ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷାଫଳ ରବିବାର ପ୍ରକାଶ ପାଇଛି। ଗଞ୍ଜାମ ଜିଲାରେ କଳାରେ ୮୩.୨୮ ପ୍ରତିଶତ, ବିଜ୍ଞାନରେ ୮୫.୫୨%, ବାଣିଜ୍ୟରେ ୮୧.୮୧ %, ଧନ୍ଦାମୂଳକ ଶିକ୍ଷାରେ ୬୬.୪୨ % ପାସ ହାର ରହିଛି। କଳାରେ ୧୮୪୮୪ ପରୀକ୍ଷା ଦେଇଥିବା ବେଳେ ବିଜ୍ଞାନରେ ୧୨୩୬୦, ବାଣିଜ୍ୟରେ ୨୨୫୫ ଓ ଧନ୍ଦାମୂଳକ ଶିକ୍ଷାରେ ୨୭୪ ଜଣ ପରୀକ୍ଷା ଦେଇଥିଲେ। ଏଥିମଧ୍ୟରୁ କଳାରେ ୧୫୩୯୫ ଜଣ ପାସ କରିଥିବା ବେଳେ ବିଜ୍ଞାନରେ ୧୦୫୭୧, ବାଣିଜ୍ୟରେ ୧୮୪୫ ଓ ଧନ୍ଦାମୂଳକ ଶିକ୍ଷାରେ ୧୮୨ ଜଣ ପାସ କରିଛନ୍ତି। କଳାରେ ୨୯୦୯ ଜଣ ପ୍ରଥମ, ୨୫୭୨ ଦ୍ୱିତୀୟ, ୨୮୯୬ ତୃତୀୟ ଶ୍ରେଣୀରେ ଓ ୧୯ ଜଣ କମ୍ପାର୍ଟମେଣ୍ଟରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ବିଜ୍ଞାନରେ ୫୫୨୩ ପ୍ରଥମ, ୩୨୯୨ ଦ୍ୱିତୀୟ ଓ ୧୬୪୯ ତୃତୀୟ ଏବଂ ୧୦୭ ଜଣ କମ୍ପାର୍ଟମେଣ୍ଟରେ ପାସ ହୋଇଛନ୍ତି। ବାଣିଜ୍ୟରେ ୮୦୦ ଜଣ ପ୍ରଥମ, ୩୪୨ ଜଣ ଦ୍ୱିତୀୟ, ୬୮୭ ଜଣ ତୃତୀୟ ଓ ୧୬ ଜଣ କମ୍ପାର୍ଟମେଣ୍ଟରେ ପାସ ହୋଇଛନ୍ତି। ଧନ୍ଦାମୂଳକ ଶିକ୍ଷାରେ ୩୬ ଜଣ ପ୍ରଥମ, ୫୬ ଜଣ ଦ୍ୱିତୀୟ, ୮୮ ଜଣ ତୃତୀୟ ଓ ୨ ଜଣ କମ୍ପାର୍ଟମେଣ୍ଟରେ ପାସ ହୋଇଛନ୍ତି। ଗଜପତି ଜିଲାରେ କଳାରେ ପାସ ହାର ୮୦.୪୩ ପ୍ରତିଶତ ରହିଛି। ବିଜ୍ଞାନରେ ପାସ ହାର ୬୫.୮୪ %, ବାଣିଜ୍ୟରେ ୪୮.୨୩ % ଓ ଧନ୍ଦାମୂଳକ ଶିକ୍ଷାରେ ୩୯.୮୪ % ରହିଛି। କୋରାପୁଟ ଜିଲାରେ କଳାରେ ପାସ ହାର ୭୬.୩୫ ପ୍ରତିଶତ, ବିଜ୍ଞାନରେ ୭୨.୪୧ %, ବାଣିଜ୍ୟରେ ୭୮.୦୯ % ଓ ଧନ୍ଦାମୂଳକ ଶିକ୍ଷାରେ ୫୦.୭୬ % ପାସ ହାର ରହିଛି। ମାଲକାନଗିରି ଜିଲାରେ କଳାରେ ୭୩.୮୬ %, ବିଜ୍ଞାନରେ ୮୧.୩୭%, ବାଣିଜ୍ୟରେ ୮୩.୨୮ % ପାସ ହାର ରହିଛି। ନବରଙ୍ଗପୁର ଜିଲା କଳାରେ ପାସ ହାର ୭୦.୯୮ %, ବିଜ୍ଞାନରେ ୭୮%, ବାଣିଜ୍ୟରେ ୬୩.୧୭ ପ୍ରତିଶତ ପାସ ହାର ରହିଛି। ରାୟଗଡାରେ କଳାରେ ପାସ ହାର ୭୭.୮୭ %, ବିଜ୍ଞାନରେ ୭୫.୪୬ %, ବାଣିଜ୍ୟରେ ୭୭.୩୦ % ଓ ଧନ୍ଦାମୂଳକ ଶିକ୍ଷାରେ ୪୦ % ପାସ ହାର ରହିଛି। ବୌଦ୍ଧ ଜିଲାରେ କଳାରେ ୮୧.୯୧ ପ୍ରତିଶତ, ବିଜ୍ଞାନରେ ୫୯.୮୯ ପ୍ରତିଶତ, ବାଣିଜ୍ୟରେ ୩୫% ଓ ଧନ୍ଦାମୂଳକ ଶିକ୍ଷାରେ ୫୬.୭୫ ପ୍ରତିଶତ ରହିଛି। ସେହିଭଳି କନ୍ଧମାଳ ଜିଲାରେ କଳାରେ ପାସ ହାର ୮୦.୪୫ପ୍ରତିଶତ, ବିଜ୍ଞାନରେ ୬୮.୭୨ପ୍ରତିଶତ, ବାଣିଜ୍ୟରେ ୭୫.୫୦ ପ୍ରତିଶତ ଓ ଧନ୍ଦାମୂଳକ ଶିକ୍ଷାରେ ୭୩.୯୮ ପ୍ରତିଶତ ପାସ ହାର ରହିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଦକ୍ଷିଣାଞ୍ଚଳ ଉପସଚିବ ଡ କୁଳମଣି ଓଝା ସୂଚନା ଦେଇଛନ୍ତି।

**ଗଞ୍ଜାମରେ ଯୁକ୍ତ ୨ ପରୀକ୍ଷାଫଳ**

# ଗଞ୍ଜାମରେ ମାଟ୍ରିକ୍ ପାସ ହାର ୯୭.୦୬ ପ୍ରତିଶତ

ବ୍ରହ୍ମପୁର,୨୬।୫(ସ୍ମୃତି ରଞ୍ଜନ ମହାଲିକ)

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଫଳ ରବିବାର ପ୍ରକାଶ ପାଇଛି। ଚଳିତ ବର୍ଷ ଗଞ୍ଜାମ ରାଜ୍ୟରେ ୯ମ ସ୍ଥାନରେ ଥିବାବେଳେ ପାସ ହାର ୯୭.୦୬ ପ୍ରତିଶତ ରହିଛି। ଜିଲାରେ ମୋଟ ୨୧୭ ପରୀକ୍ଷା କେନ୍ଦ୍ର ହୋଇଥିଲା। ୬୪୧ ସ୍କୁଲର ୪୪,୪୬୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଏଥିରେ ୬୧୭ ସରକାରୀ ଓ ୨୪ ବେସରକାରୀ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ରହିଥିଲେ। ଜିଲାରେ ଶତପ୍ରତିଶତ ସଫଳତା ପାଇଥିବା ହାଇସ୍କୁଲ ମଧ୍ୟରୁ ୩୫୦ ସରକାରୀ ଓ ୨୪ ବେସରକାରୀ ହାଇସ୍କୁଲ ରହିଛି। ଫଳାଫଳ ପ୍ରକାଶ ପାଇବା ପରେ ସଫଳ ଛାତ୍ରୀଛାତ୍ର ଉତ୍ସାହିତ ହୋଇଛନ୍ତି। ସଫଳତାର ଶ୍ରେୟ ନିଜ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ଓ ପିତାମାତାଙ୍କୁ ଦେଇଛନ୍ତି।

# ଏମ୍କେସିଜି ମେଡିକାଲରେ ବର୍ନ କେୟାର୍ ୟୁନିଟ ସ୍ୱପ୍ନ

**ଟ୍ରମା କେୟାରରୁ ବି ମିଳୁନି ଉନ୍ନତ ସେବା**



ଏମକେସିଜି ମେଡିକାଲ।

ବ୍ରହ୍ମପୁର, ୨୬।୫ (ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ମେଡିକାଲ ପାଇଁ ସ୍ୱତନ୍ତ୍ର ବର୍ନ କେୟାର ୟୁନିଟ ସ୍ୱପ୍ନ ହୋଇପଡିଛି। ଦୀର୍ଘଦିନ ହେଲା ଏ ନେଇ ଦାବି ହେବା ପରେ ବି ଉଚ୍ଚ କର୍ତ୍ତୃପକ୍ଷ ଏନେଇ କୌଣସି ପଦକ୍ଷେପ ନେଉ ନ ଥିବାରୁ ରୋଗୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ମେଡିକାଲ ହେଉଛି ଦକ୍ଷିଣ ଓଡିଶାର ଏକ ମାତ୍ର ଭରସାଯୋଗ୍ୟ ସରକାରୀ ରେଫରାଲ ହସ୍ପିଟାଲ। ଏଠାକୁ ଦକ୍ଷିଣ ଓଡିଶାର ବିଭିନ୍ନ ମେଡିକାଲରୁ ରୋଗୀ ରେଫର୍ ହୋଇ ଆସିଥାନ୍ତି। ସେହିପରି ଆନ୍ଧ୍ର ସୀମାନ୍ତ ଅଞ୍ଚଳରେ ରହୁଥିବା ଲୋକମାନେ ମଧ୍ୟ ଚିକିତ୍ସା ସେବା ପାଇଁ ଏମକେସିଜି ଉପରେ ନିର୍ଭର କରନ୍ତି। ରୋଗୀଙ୍କ ଜୀବନ ରକ୍ଷାକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଛି। ଡାକ୍ତରଖାନାର ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିବା ପାଇଁ ସରକାର ବହୁ ଯୋଜନା କରି କେବଳ ନୂଆ କୋଠାମାନ ତିଆରି କରିଛନ୍ତି। ଅନେକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଏବେ ବି ଅବେହଳିତ ହୋଇ ରହିଛି। ଟ୍ରମା କେୟାର୍ ସେଣ୍ଟରରୁ ଉନ୍ନତମାନର ସେବା ମିଳିପାରୁ ନାହିଁ। ଟ୍ରମା କେୟାର୍ ସେଣ୍ଟରକୁ ଅପଗ୍ରେଡେସନ କରିବା ସହିତ ଖାଲି ପଦବି ପୂରଣ କରିବା ପ୍ରସ୍ତାବ ରହିଛି। ନିଆଁରେ ପୋଡ଼ି ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବର୍ନ କେୟାର୍ ୟୁନିଟ ସୁବିଧା ମଧ୍ୟ ନାହିଁ। ଫଳରେ ନିଆଁରେ ପୋଡ଼ି ଯାଇଥିବା ରୋଗୀ ସାଧାରଣ ୱାର୍ଡରେ ଚିକିତ୍ସିତ ହେଉଛନ୍ତି। କେତେକ ଗୁରୁତର ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଉଛି। ଏହି ଡାକ୍ତରଖାନାରେ ଏହି ସବୁ ସୁବିଧା ଉପଲବ୍ଧ ହେଲେ ଅପମୃତ୍ୟୁ ସଂଖ୍ୟା କିଛିମାତ୍ରାରେ ହ୍ରାସ ପାଇବା ସହ ନିଆଁରେ ପୋଡି ହୋଇ କିମ୍ୱା ବିଦ୍ୟୁତ ଆଘାତ, ବଜ୍ରପାତରେ ଗୁରୁତର ହୋଇ ଆସୁଥିବା ଲୋକେ ବାହାରକୁ ରେଫର ହେବେ ନାହିଁ ବୋଲି ମାନବ ଅଧିକାର ସୁରକ୍ଷା ମଞ୍ଚର ଆବାହକ ଅବନୀ ଗୟା କହିଛନ୍ତି। ଏହି ବିଭାଗ କାର୍ଯ୍ୟକ୍ଷମ କରିବାକୁ ସେ ଦାବି କରିଛନ୍ତି।

# ମାଟ୍ରିକ ପରୀକ୍ଷାରେ ଶତପ୍ରତିଶତ ସଫଳତା

**ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**

ବ୍ରହ୍ମପୁର,୨୬।୫(ସ୍ମୃତି ରଞ୍ଜନ ମହାଲିକ)

ମାଟ୍ରିକ ବୋର୍ଡ ପରୀକ୍ଷା ଫଳାଫଳରେ ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶତ ପ୍ରତିଶତ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏହି ଶିକ୍ଷାନୁଷ୍ଠାନର ୧୪ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୪୭ ଜଣ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ, ୪୧ ଜଣ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ଓ ୧୩ ଜଣ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟର ପୂର୍ବ ଗୌରବକୁ ବଜାୟ ରଖିଛନ୍ତି। ଅଭିଷେକ ଦାଶ ୫୭୭(୯୬.୧୬%), ନନ୍ଦିନୀ ସାହୁ ୫୬୧(୯୩.୫ %), ସୀତାରାମ ଗୌଡ ୫୫୧(୯୨ %), ଇ ଆଦିତ୍ୟ ପାତ୍ର ୫୫୧(୯୨ %), ବିଶ୍ୱଜିତ ସାସମଲ ୫୫୧(୯୨%), ଆଦିତ୍ୟ କୁମାର ସାହୁ ୫୫୦(୯୧.୬%), ଏ ସୁନୀତା ପାତ୍ର ୫୪୮(୯୧.୩ %), ଜ୍ୟୋତି ପ୍ରକାଶ ପଲାଇ ୫୪୫(୯୧ %), ଆଦିତ୍ୟ ପ୍ରସାଦ ସାହୁ ୫୪୪(୯୦.୬ %), ମହେଶ ବେହେରା ୫୪୪(୯୦.୬ %), ପ୍ରୀତିରାଜ ମହାପାତ୍ର ୫୪୩ (୯୦.୫ %),ଚନ୍ଦନ କୁମାର ସାବତ ୫୪୧ (୯୦.୧%), ଶୁଭଶ୍ରୀ ମହାପାତ୍ର ୫୪୦(୯୦%) ଓ ଶ୍ରୀୟାଂଶୀ ମହାପାତ୍ର ୫୪୦(୯୦%) ମାର୍କ ରଖି ସଫଳତା ଅର୍ଜନ କରିଛନ୍ତି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ପ୍ରଦୀପ କୁମାର ଦାଶ, ସଂପାଦକ ପ୍ରକାଶ ଚନ୍ଦ୍ର ପାତ୍ର, ଉପଦେଷ୍ଟା ଭଗବାନ ଚୌଧୁରୀ, ପ୍ରଧାନଚାର୍ଯ୍ୟ ନାରାୟଣ ପଣ୍ଡା, ସହ ପ୍ରଧାନଚାର୍ଯ୍ୟ ପତିତପାବନ ଶତପଥୀ, ପର୍ଯ୍ୟାୟ ପ୍ରମୁଖ ଅରୁଣ କୁମାର ପାଢି, ପରିଚାଳନା ସମିତିର ସଦସ୍ୟ ଓ ବିଦ୍ୟାଳୟର ଆଚାର୍ଯ୍ୟ ଓ ଆଚାର୍ଯ୍ୟା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଆଇଏଏସ ହେବାକୁ ଲକ୍ଷ୍ୟ : ଅଭିଷେକ

ପରୀକ୍ଷା ସମୟରେ ଦିନକୁ ୧୨ ଘଣ୍ଟା ପରିଶ୍ରମ କରୁଥିଲି। ଯାହାଫଳରେ ୯୬.୧୬ %ମାର୍କ ରଖି ସଫଳ ହୋଇଛି। ବିଦ୍ୟାଳୟରେ ପ୍ରଥମ ହୋଇଛି। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରୁ ସଫଳତା ପାଇପାରିଛି। ସଂସ୍କୃତ ଓ ଗଣିତରେ ଅଧିକ ମାର୍କ ରହିଛି। ଭବିଷ୍ୟତରେ ଆଇଏଏସ ହେବା ପାଇଁ ଲକ୍ଷ୍ୟ ରଖିଛି। ମୋର ସମସ୍ତ ସଫଳତାର ଶ୍ରେୟ ମାତା, ପିତା, ଗୁରୁମା, ଗୁରୁଜୀ ଓ ଭଗବାନଙ୍କୁ ପ୍ରଦାନ କରିବି।


ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୃତୀ ଛାତ୍ରୀଛାତ୍ରଙ୍କ ସହ ଆଚାର୍ଯ୍ୟା, ଆଚାର୍ଯ୍ୟ ଓ କର୍ମକର୍ତ୍ତା।

# ଲଣ୍ଡାପାହାଡକୁ ସବୁଜିମା କରିବ ସବୁଜ ବାହିନୀ


ମଞ୍ଜି ପୋତା ଯାଉଛି।

ବ୍ରହ୍ମପୁର,୨୬।୫
(ଅଶୋକ କୁମାର ସାହୁ/ ଦିଲୀପ ସାମଲ)

ଛତ୍ରପୁର ସହର ଉପକଣ୍ଠ ମା’ ରାମଚଣ୍ଡୀଙ୍କ ମନ୍ଦିର ଠାରେ ସାମାଜିକ ଅନୁଷ୍ଠାନ ସବୁଜ ବାହିନୀ ପକ୍ଷରୁ ଜଙ୍ଗଲ ପାଇଁ ମଞ୍ଜିଟିଏ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ଏଠାରେ ଥିବା ଏକ ଲଣ୍ଡା ପାହାଡକୁ ସବୁଜିମା କରିବା ଉଦ୍ଦେଶ୍ୟରେ ବାହିନୀ ପକ୍ଷରୁ ୧ ହଜାରରୁ ଉର୍ଦ୍ଧ୍ୱ ଛୋଟ ଛୋଟ ଗାତ କରାଯାଇ ଖତ ସହ ବିଭିନ୍ନ ପ୍ରକାରର ମଞ୍ଜି ଯଥା ଆମ୍ବ, ପଣସ, ତେନ୍ତୁଳି, ବେଲ, ଖଜୁରୀ ଇତ୍ୟାଦି ପୋତା ଯାଇଥିଲା। ବର୍ତ୍ତମାନ ପୃଥିବୀରେ ମନୁଷ୍ୟକୃତ କିମ୍ବା ଜଳବାୟୁ ପରିବର୍ତ୍ତନରୁ ଜଙ୍ଗଲ ଅବକ୍ଷୟ ବୃଦ୍ଧି ପାଇବାରେ ଲାଗିଛି। ଅନେକ ପାହାଡ଼ ବୃକ୍ଷହୀନ ହୋଇପଡିଛି। ସବୁଜବାହିନୀ ତରଫରୁ ଏଭଳି କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କୁ ସଚେତନ କରିବା କାର୍ଯ୍ୟକ୍ରମ ଜାରି ରଖାଯାଇଛି। ପ୍ରତ୍ୟେକ ଦିନ ଆମେ ଘରେ ଫଳ ଖାଇବା ପରେ ମଞ୍ଜିକୁ ଏଣେ ତେଣେ ଫୋପାଡି ଦେଉଛୁ। ଏଥିରୁ ଯେଉଁ ଗଛ ହେଉଛି ତାହା ଅଧିକ ଦିନ ବଞ୍ଚି ପାରୁନାହିଁ। ତେଣୁ ସେସବୁ ମଞ୍ଜି ସଂଗ୍ରହ କରି ତାହାଦ୍ୱାରା ନୂତନ ଜଙ୍ଗଲ କିଭଳି ସୃଷ୍ଟି କରିପାରିବା ଏହି କାର୍ଯ୍ୟକ୍ରମର ମୂଳଲକ୍ଷ୍ୟ। ଏହା ଦ୍ୱାରା ସହରର ବିଭିନ୍ନ ସଙ୍ଗଠନ ଦ୍ୱାରା ସଂଗୃହୀତ କରାଯାଇ ଥିବା ମଞ୍ଜିକୁ ସଙ୍ଗଠନର ସଦସ୍ୟମାନଙ୍କ ସାହାଯ୍ୟରେ ପୋତା ଯାଇଥିଲା। ଆଗାମୀ ଦିନରେ ବର୍ଷା ଋତୁ ଆଗମନ ପୂର୍ବରୁ ବିଭିନ୍ନ ଲଣ୍ଡା ପାହାଡରେ ଏମିତି ଅନେକ ମଞ୍ଜି ପୋତା ଯିବ ପାଇଁ ସ୍ଥିର କରାଯାଇଛି। ଏହି ଅଭିଯାନରେ ସବୁଜ ବାହିନୀର ସଭାପତି ଶିବରାମ ପାଣିଗ୍ରାହୀ, ସାପ ଧରାଳି ରାମ ପାତ୍ର, ପି. ବିନୋଦ, ସୁଜିତ ଗୌଡ, ସାଗର ପ୍ରସାଦ ପାତ୍ର,ବାଲାଜୀ ବେହେରା, ବିନାୟକ ପ୍ରଧାନ, ପ୍ରବୀଣ ନାୟକ, ଆକାଶ ରାଉତ, ଜୟ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ରମ୍ଭା ଚନ୍ଦନ ଯାତ୍ରାରେ ଝୁମିଲେ ଦର୍ଶକ

ରମ୍ଭା,୨୬।୫(ବନବାସୀ ସେଠୀ)

ଐତିହାସିକ ରମ୍ଭା ଚନ୍ଦନ ଯାତ୍ରାର ୨ୟ ଦିନରେ ପ୍ରଭୁ ଶ୍ରୀମଦନମୋହନ ଓ ଚନ୍ଦ୍ରଶେଖର ବିମାନରେ ଗ୍ରାମ ପରିକ୍ରମା କରି ଚନ୍ଦନ ପୋଖରୀରେ ଚାପ ଖେଳି ମନ୍ଦିରକୁ ଫେରିଛନ୍ତି। ବାଣ, ରୋଷଣୀ ସହ ଢୋଲ, ମୃଦଙ୍ଗ ଓ ଡିଜେ ଶବ୍ଦରେ ରମ୍ଭା ସହର ଦୁଲୁକୁଛି। ସହର ରଙ୍ଗୀନ ଆଲୋକମାଳାରେ ଝଲସି ଉଠୁଛି। ପ୍ରତ୍ୟେକ ସାହି ଛକରେ ବିଭିନ୍ନ ଦେବଦେବୀଙ୍କ ରୂପ ମେଢ଼କୁ ଦେଖିବାକୁ ନିକଟସ୍ଥ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ଦର୍ଶକମାନଙ୍କୁ ରମ୍ଭା ଶିଳ୍ପ ବଣିକ ସଂଘ ପ୍ରଥମ ଦିନ ମୃତ୍ୟୁ ପାନୀୟ , ଦ୍ୱିତୀୟ ଦିନ ହାଲୁଆ ବଣ୍ଟାଯାଉଛି। ୭ ଦିନ ପର୍ଯ୍ୟନ୍ତ ଦର୍ଶକଙ୍କୁ ଏଭଳି ଖାଦ୍ୟ ବଣ୍ଟନ କରାଯିବ ବୋଲି ଅନୁଷ୍ଠାନର କାର୍ଯ୍ୟକର୍ତ୍ତା କହିଛନ୍ତି। ଅନୁଷ୍ଠାନର ସଭାପତି ନାଥମଲ ମୁନ୍ଦ୍ରା, ଉପସଭାପତି ଟି. ଅନିଲ କୁମାର ସୁବୁଦ୍ଧି, ସମ୍ପାଦକ ଜ୍ୟୋତିପ୍ରକାଶ ପଣ୍ଡା,କୋଷାଧ୍ୟକ୍ଷ ଧନୁର୍ଜୟ ବିଶ୍ୱାଳ, ଟି. ବାପୁଜୀ ସୁବୁଦ୍ଧି, ଓଡ଼ିଶା କଳିଙ୍ଗ ବୈଶ୍ୟ ସଂଘ ସଭାପତି ଟି. କେଦାରନାଥ ସୁବୁଦ୍ଧି, ଟି. ରାଜେନ୍ଦ୍ର ପୃଷ୍ଟି ପ୍ରମୁଖ ସହଯୋଗ କରିଥିଲେ। ଅପେରା, ରାମଦୋଳି, ବିଭିନ୍ନ ପ୍ରକାରର ଖେଳନା ଏବଂ ଖାଦ୍ୟ ସାମଗ୍ରୀର ଦୋକାନରେ ରମ୍ଭା ସହର ପରିପୂର୍ଣ୍ଣ ହୋଇଛି।

# ୯୦%ରୁ ଉର୍ଦ୍ଧ୍ୱରେ ବିଜ୍ଞାନରେ ୩୭, ବାଣିଜ୍ୟରେ ୧୮ଜଣ

**ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ**

ବ୍ରହ୍ମପୁର,୨୬।୫(ସ୍ମୃତି ରଞ୍ଜନ ମହାଲିକ)

ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷାରେ ନୀଳକଣ୍ଠନଗର ସରସ୍ୱତୀ ବିଦ୍ୟାମନ୍ଦିର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ସଫଳତା ହାସଲ କରି ମହାବିଦ୍ୟାଳୟର ପୂର୍ବ ୧୮ବର୍ଷର ରେକର୍ଡକୁ ବଜାୟ ରଖିଛନ୍ତି। ବିଜ୍ଞାନରେ ୫୭୪ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୭ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ପ୍ରଥମ ଶ୍ରେଣୀରେ ୫୫୯ ଜଣ, ୨ୟ ଶ୍ରେଣୀରେ ୧୪ ଜଣ ଓ ୩ୟ ଶ୍ରେଣୀରେ ଜଣେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପ୍ରଥମ ସ୍ଥାନରେ ବିଷ୍ଣୁପ୍ରିୟା ପ୍ରଧାନ ୫୭୧ (୯୫.୧ %), ୨ୟ ସ୍ଥାନରେ ଯଶରାଜ ସାହୁ ୫୬୭ (୯୪.୫ %), ୩ୟ ସ୍ଥାନରେ ରୁଦ୍ର ପ୍ରସାଦ ସାହୁ ୫୬୪(୯୪%), ୪ର୍ଥ ସ୍ଥାନରେ ଶ୍ରାବଣୀ ଦାସ ୫୬୩ (୯୩.୮୪ %), ୫ମ ସ୍ଥାନରେ ସନ୍ଦୀପ କୁମାର ପ୍ରଧାନ ୫୬୨ (୯୩.୬୮ %), ୬ଷ୍ଠ ସ୍ଥାନରେ ମିଳିତ ଭାବରେ ପ୍ରୀତିନନ୍ଦା ପ୍ରୀୟଦର୍ଶିନୀ ସ୍ୱାଇଁ, ଏସ ଜ୍ୟୋତି ରେଡି ଓ ରାଜେଶ ବିଶ୍ୱାଳ ୫୫୬ (୯୨.୬୮ %), ୭ମ ସ୍ଥାନରେ ଆଶୀର୍ବାଦ ସାହୁ ୫୫୫ (୯୨.୫୦ %), ୮ମ ସ୍ଥାନରେ ମିଳିତ ଭାବେ ମିହିର କୁମାର ପଣ୍ଡା, ଅମିତ କୁମାର ଆଚାର୍ଯ୍ୟ, ସାଗର କୁମାର ମହାପାତ୍ର, ଅଙ୍କିତା ପଣ୍ଡା, ସୁରଜ କୁମାର ଗୋପେ ଓ ସତ୍ୟନାରାୟଣ ପାଢି ୫୫୪ (୯୨.୩୩ %), ୯ମ ସ୍ଥାନରେ ଶିବରାମ ପାତ୍ର ୫୫୩ (୯୨.୧୬ %) ଓ ୧୦ମ ସ୍ଥାନରେ ସ୍ୱରୁପ ସୁପ୍ରିୟା ୫୫୨ (୯୨ %) ରଖିଛନ୍ତି। ସେହିଭଳି ବାଣିଜ୍ୟରେ ୧୩୯ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୭ ଜଣ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଛନ୍ତି। ପ୍ରଥମ ସ୍ଥାନରେ ୧୩୨ ଜଣ, ୨ୟ ସ୍ଥାନରେ ୭ ଜଣ ଉତ୍ତୀର୍ଣ୍ଣ ହୋଇ ପୂର୍ବ ୧୧ ବର୍ଷର ସଫଳତା ରେକର୍ଡକୁ ବଜାୟ ରଖିଛନ୍ତି। ଏଥିମଧ୍ୟରୁ ରୁପେଶ ଚୌଧୁରୀ ୫୬୬ (୯୪.୩୩ %) ରଖି ୧ମ ସ୍ଥାନ, ୨ୟ ସ୍ଥାନରେ କାହ୍ନା ସାହୁ ୫୬୨(୯୩.୬୭ %), ୩ୟ ସ୍ଥାନରେ ଯୁଗ୍ମ ଭାବରେ ସିଏଚ ସିମରନ ପାତ୍ର ଓ ଅନାର୍ଶୀ ରୋଶନ ପାତ୍ର ୫୫୯ (୯୩.୧୭ %), ୪ର୍ଥ ସ୍ଥାନରେ ଯୁଗ୍ମ ଭାବରେ ଦିଶା ରାଣୀ ଚିରିପାଲ ଓ ଶ୍ରବଣ କୁମାର ଚୌଧୁରୀ ୫୫୮ (୯୩ %), ୫ମ ସ୍ଥାନରେ ଓମ ପ୍ରସାଦ ବିଶ୍ୱାଳ ୫୫୭ (୯୨.୮୩%), ୭ମ ସ୍ଥାନରେ ସି ଏଚ ସୋହନ ସୁବୁଦ୍ଧି ୫୫୬ (୯୨.୬୭ %), ୮ମ ସ୍ଥାନରେ ଏସ ନୀଳମାଧବ ପୃଷ୍ଟି ୫୫୫ (୯୨.୫୦ %), ୯ମ ସ୍ଥାନରେ କାମାକ୍ଷି ପ୍ରସାଦ ପଣ୍ଡା ୫୫୨ (୯୨ %) ଓ ୧୦ମ ସ୍ଥାନରେ ସ୍ୱପ୍ନାଜିତ ସାହୁ ୫୫୧ (୯୧.୮୩ % ) ରଖିଛନ୍ତି। ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ୟା ପ୍ରଣତୀ ସାମଲ ଓ ବାସନ୍ତୀ ବେହେରା, ଉପଦେଷ୍ଟା ଡ. ଶ୍ରୀକାନ୍ତ ମହାପାତ୍ର, ଡ. ହରିକୃଷ୍ଣ ନାୟକ, ମମତା ପାଣିଗ୍ରାହୀ, ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ସୁଦର୍ଶନ ପାଢି, ବି. ଗଜପତି ରାଓ ଓ ହରିକୃଷ୍ଣ ପାଢି ଓ ନିମନ୍ତ୍ରିତ ସଦସ୍ୟ କେ. ଭେଙ୍କଟ ରାଓ, ରାଜେନ୍ଦ୍ର ଡାକୁଆ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଏସ ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟାଆଚାର୍ଯ୍ୟ ତଥା ସମସ୍ତ ଅଭିଭାବକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି।

# ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା


ସଫଳତା ହାସଲ କରିଥିବା ମାଟ୍ରିକ୍ ଛାତ୍ରୀଛାତ୍ର ଓ ବିଦ୍ୟାଳୟର କର୍ମକର୍ତ୍ତା ।

ବ୍ରହ୍ମପୁର,୨୬।୫(ସ୍ମୃତି ରଞ୍ଜନ ମହାଲି)

**ରାଜ୍ୟସ୍ତରରେ ଏ-୧ ଗ୍ରେଡରେ ପ୍ରଥମ ସ୍ଥାନ**

ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳରେ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ଅଭୁତପୂର୍ବ ସଫଳତା ହାସଲ କରିଛନ୍ତି। ଗତ ୩୨ବର୍ଷ ଧରି ଶତ ପ୍ରତିଶତ ସଫଳତା ହାସଲ କରି ଆସୁଥିବା ଏହି ବିଦ୍ୟାଳୟର ଚଳିତ ବର୍ଷ ୩୮୩ ଛାତ୍ରୀଛାତ୍ର ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ଏ-୧ ଗ୍ରେଡରେ ୫୪ ଜଣ, ଏ-୨ ଗ୍ରେଡରେ ୧୩୧ ଜଣ ଓ ବି-୧ ଗ୍ରେଡରେ ୧୧୪ ଜଣ ଉତ୍ତୀର୍ଣ୍ଣ ହୋଇ ରାଜ୍ୟରେ ବିରଳ ରେକର୍ଡ ସୃଷ୍ଟି କରିଛନ୍ତି । ପ୍ରଥମ ସ୍ଥାନରେ ଆୟୁଶ ଆଶୁତୋଷ ବେହେରା ୫୮୨ ମାର୍କ (୯୭%), ୨ୟ ସ୍ଥାନରେ ଏସ ନିହାର ରଞ୍ଜନ ପାତ୍ର ୫୭୮ ମାର୍କ (୯୬.୩୩ %), ୩ୟ ସ୍ଥାନରେ ମିଳିତ ଭାବେ ପ୍ରଭୁସ୍ମିତା ପଣ୍ଡା ଓ ପ୍ରିୟଙ୍କା ଚୌଧୁରି ୫୭୨ ମାର୍କ (୯୫.୩୩%). ୪ର୍ଥ ସ୍ଥାନରେ ସ୍ନିଗ୍ଧାରାଣୀ ପ୍ରଧାନ ୫୭୧ ମାର୍କ (୯୫.୧୭ %), ୫ମ ସ୍ଥାନରେ ସ୍ନେହା ଶ୍ରିତା ପଣ୍ଡା ୫୭୦ ମାର୍କ (୯୫ %), ୬ଷ୍ଠ ସ୍ଥାନରେ ବିଶାଖା ତରାଇ ୫୬୭ ମାର୍କ (୯୪.୫୦ %), ୭ମ ସ୍ଥାନରେ ମିଳିତ ଭାବେ ଅପର୍ଣ୍ଣା ଆଚାରୀ ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ୫୬୬ ମାର୍କ (୯୪.୩୩ %), ୮ମ ସ୍ଥାନରେ ଧୃତୀବଲ୍ଲଭ ପଣ୍ଡା ୫୬୦ ମାର୍କ (୯୩.୩୩ %), ୯ମ ସ୍ଥାନରେ ମିଳିତ ଭାବେ ଅମିତ କୁମାର ପଣ୍ଡା ଓ ସତ୍ୟପ୍ରିୟା ବେହେରା ୫୫୯ ମାର୍କ (୯୩.୧୭ %) ଓ ୧୦ମ ସ୍ଥାନରେ ଦବ୍ୟାଂଶୁ ପ୍ରଧାନ ୫୫୮ ମାର୍କ (୯୩ %) ରଖି ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ ସହ ରାଜ୍ୟସ୍ତରରେ ସଫଳତା ହାସଲ କରିଛନ୍ତି। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କର ଅଭୂତପୂର୍ବ ସଫଳତା ପାଇଁ ପରିଚାଳନା ସମିତିର ସଭାପତି ଜିବାନନ୍ଦ ତ୍ରିପାଠୀ, ସମ୍ପାଦକ ନାରାୟଣ ପଣ୍ଡା, ଯୁଗ୍ମ ସମ୍ପାଦକ ନୀଳକଣ୍ଠ ସାହୁ, କୋଷାଧ୍ୟକ୍ଷ ସୋମନାଥ ନନ୍ଦ, ସଦସ୍ରା ପ୍ରଣତୀ ସାମଲ ଓ ବାସନ୍ତି ବେହେରା, ଉପଦେଷ୍ଟା ଡ ଶ୍ରୀକାନ୍ତ ମହାପାତ୍ର, ଡ ହରିକୃଷ୍ଣ ନାୟକ, ମମତା ପାଣିଗ୍ରାହୀ, ଧର୍ମରାଜ ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ନରସିଂହ ଚୌଧୁରୀ, ସୁଦର୍ଶନ ପାଢି, ବି ଗଜପତି ରାଓ ଓ ହରିକୃଷ୍ଣ ପାଢ଼ୀ, ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ, ଏସ ମୋହନ ରାଓ, ଶିଶୁ ମନ୍ଦିର ପ୍ରଧାନାଚାର୍ଯ୍ୟ ସୁରେଶ କୁମାର ଆଚାର୍ଯ୍ୟ ଏବଂ ବିଦ୍ୟାଳୟ ଶୈକ୍ଷିକ ପ୍ରଶାସକ ଉମାଧବ ମହାନ୍ତି, ସମସ୍ତ ଆଚାର୍ଯ୍ୟା ଆଚାର୍ଯ୍ୟ ତଥା ସମସ୍ତ ଅଭିଭାବକଙ୍କ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର ଆଚାର୍ଯ୍ୟା ଆଚାର୍ଯ୍ୟ, ପିତାମାତା ଓ ଭାଗବାନଙ୍କୁ ସଫଳତାର ଶ୍ରେୟ ଦେଇଛନ୍ତି।

## କୃତୀ ଛାତ୍ରୀଛାତ୍ର ଯାହା କୁହନ୍ତି ...

“ ସ୍କୁଲରେ ମୁଁ ପ୍ରଥମ ସ୍ଥାନରେ ରହିଛି। ଅଧିକ ମାର୍କ ପାଇଁ ଆଶା ଥିଲା। ତଥାପି ପାଇଥିବା ମାର୍କକୁ ନେଇ ଖୁସି ଅଛି। ଶିକ୍ଷାନୁଷ୍ଠାନରେ ସଠିକ ପାଠପଢା, ସମସ୍ତ ବିଷୟରେ ସନ୍ଦେହ ଦୂର କରିବା ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଉତ୍ତମ ପାଠ ପଢାରୁ ଏହା ସମ୍ଭବ ହୋଇପାରିଛି। ଭବିଷ୍ୟତରେ ମହାକାଶ ବିଜ୍ଞାନୀ ହେବା ପାଇଁ ଲକ୍ଷ୍ୟ ରଖିଛି। ପରୀକ୍ଷା ସମୟରେ ୮ରୁ ୧୦ ଘଣ୍ଟା ପରିଶ୍ରମ କରୁଥିଲି। ହିନ୍ଦୀ ଓ ଗଣିତରେ ସର୍ବାଧିକ ମାର୍କ ରହିଛି।

**ଆୟୁଷ ଆଶୁତୋଷ ବେହେରା**

“ ଭବିଷ୍ୟତରେ ଆଇଆଇଟି ଇଞ୍ଜିନିୟର ହେବା ପାଇଁ ଲକ୍ଷ୍ୟ ରଖିଛି। ପରୀକ୍ଷାରେ ୫୭୮ ମାର୍କ ରଖିଛି। ସ୍କୁଲରେ ମୁଁ ଦ୍ୱିତୀୟ ସ୍ଥାନରେ ରହିଛି। ସ୍କୁଲ ପାଠ ପଢା ପରେ ଘରେ ୫ ଘଣ୍ଟା ପାଠ ପଢୁଥିଲି। ପରୀକ୍ଷା ସମୟରେ ୧୦ ଘଣ୍ଟା ପଢୁଥିଲି। ସ୍କୁଲରେ ଭଲ ପାଠ ପଢାଯାଉଥିଲା। ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ପାଠ ପଢାରେ ସଂପୂର୍ଣ୍ଣ ସହଯୋଗ କରୁଥିଲେ। ଆଗାମୀ ଦିନରେ ବିଜ୍ଞାନ ବିଷୟରେ ଯୁକ୍ତ ୨ ପାଠ ପଢିବି।

**ଏସ. ନୀହାର ରଞ୍ଜନ ପାତ୍ର**

“ ଆହୁରି ଅଧିକ ମାର୍କ ରଖିବା ପାଇଁ ଆଶା ରଖିଥିଲି। ସ୍କୁଲରେ ମୁଁ ତୃତୀୟ ସ୍ଥାନରେ ରହିଛି। ସଂସ୍କୃତରେ ସର୍ବାଧିକ ୧୦୦ ମାର୍କ ରଖିଛି। ଭବିଷ୍ୟତରେ ଜଣେ ଆଇଏଏସ ହେବା ପାଇଁ ଲକ୍ଷ୍ୟ ରଖିଛି। ଆଗାମୀ ଦିନରେ ବିଜ୍ଞାନ ବିଷୟରେ ପାଠ ପଢିବି। ସ୍କୁଲ ପାଠ ପଢା ବ୍ୟତୀତ ଘରେ ୫ରୁ୬ ଘଣ୍ଟା ପରିଶ୍ରମ କରୁଥିଲି। କଠିନ ପରିଶ୍ରମ କାରଣରୁ ଆଜି ଏହି ସଫଳତା ପାଇପାରିଛି।

**ପ୍ରଭୁସ୍ମିତା ପଣ୍ଡା**

“ ହିନ୍ଦୀ ୧୦୦ ଓ ବିଜ୍ଞାନରେ ୯୭ ମାର୍କ ରଖିଛି। ସ୍କୁଲରେ ମୁଁ ତୃତୀୟ ସ୍ଥାନରେ ରହିଛି। ସ୍କୁଲ ଶିକ୍ଷୟତ୍ରୀ ଓ ଶିକ୍ଷକଙ୍କ ଉତ୍ତମ ପାଠ ପଢା କାରଣରୁ ଏହା ସମ୍ଭବ ହୋଇପାରିଛି। ପରୀକ୍ଷା ସମୟରେ ଦିନକୁ ୬ରୁ ୭ ଘଣ୍ଟା ପରିଶ୍ରମ କରୁଥିଲି। ହିନ୍ଦୀ ଓ ବିଜ୍ଞାନରେ ମୋର ଅଧିକ ମାର୍କ ରହିଛି। ଅଧିକ ମାର୍କ ପାଇଁ ଆଶା ଥିଲା। ଭବିଷ୍ୟତରେ ଜଣେ ଭଲ ଡାକ୍ତର ହେବା ପାଇଁ ଲକ୍ଷ୍ୟ ରଖିଛି। ଆଗାମୀ ଦିନରେ ଯୁକ୍ତ ୨ ବିଜ୍ଞାନ ପଢିବି।

**ପ୍ରିୟଙ୍କା ଚୌଧୁରୀ**

